

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ରବିବାର ୨୫ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 October 2026

Vol.No. 36 ■ No.278 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

■ଜିରୋ କାଜୁଆଲଟି ଉପରେ ଫୋକସ୍
■୬୦ଟି ଓଡ୍ରାଫ୍, ୧୭ଟି ଏନଡିଆରଏଫ୍, ୨୨୫ଟି ଅଗ୍ନିଶମ ଦଳ ପ୍ରସ୍ତୁତ
■୫ଟି ଜିଲ୍ଲାରେ ୨୮-୨୯ ତାରିଖ ସ୍କୁଲ କଲେଜ ଛୁଟି



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଅଛି, ଏଥର ମଧ ଆମ ଜିରୋ କାଜୁଆଲ୍‌ଟି ହାସଲ କରିବୁ। ଶନିବାର ଦିନ ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଣମାଧମ ଆଗରେ ବିବୃତି ରଖି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା ଦାନା ଓ ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା । ଏହା ସହିତ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ କରାଯାଇଛି । ତେଣୁ ପ୍ରତ୍ୟେକ ଥର ଭଳି ଏଥର ମଧ ଜିରୋ କାଜୁଆଲ୍‌ଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧରେ ୨୮ ତାରିଖରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ଏବଂ ପ୍ରାୟ ୮୦ ରୁ ୯୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ମଧ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତି ନିଆଯାଇଛି । ଅନ୍ୟ ଜିଲ୍ଲା ଗୁଡ଼ିକରେ ସ୍କୁଲ କଲେଜ ଛୁଟି କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତି ନେବେ । ସେ କହିଥିଲେ ଯେ, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଂଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବିଶେଷକରି ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ◆◆ପୃଷ୍ଠା ୭

କୋଟିଆ ପ୍ରସଙ୍ଗରେ ସର୍ବଦଳୀୟ ଏକତା ଉପରେ ଜୋର: ଟିମ୍ ପଠାଇବାକୁ ବିଜେପିର ଆହ୍ୱାନ



ଭୁବନେଶ୍ୱର, ୨୪/୧୦ (ନି.ପ୍ର): କୋଟିଆରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ ପରେ ତେଜିଛି ରାଜନୈତିକ ତତ୍ପରତା। ଏହି ପ୍ରସଙ୍ଗରେ ସବୁ ରାଜନୈତିକ ଦଳ ଏକାଠି ହେବା ଉପରେ ଗୁରୁତ୍ୱ ଦେଇଛନ୍ତି ବିଜେପି ରାଜ୍ୟ ସଭାପତି । କୋଟିଆର ସ୍ଥିତି ଅନୁଧ୍ୟାନ କରିବା ପାଇଁ ସବୁ ରାଜନୈତିକ ଦଳ ନିଜ ନିଜର ପ୍ରତିନିଧି ଦଳ ପଠାଇବାର ନୈତିକ ଅଧିକାର ରହିଛି ବୋଲି ସେ କହିଛନ୍ତି । ବିଜେପି ରାଜ୍ୟ ସଭାପତିଙ୍କ କହିବା ଅନୁଯାୟୀ, କୋଟିଆ ପ୍ରସଙ୍ଗରେ ସବୁ ରାଜନୈତିକ ଦଳର ନୈତିକ ଦାୟିତ୍ୱ ରହିଛି। ଏହି ଅଞ୍ଚଳର ବାସ୍ତବ ସ୍ଥିତି ଆକଳନ କରିବା ସହ ଲୋକଙ୍କ ସମସ୍ୟା ଓ ଆବଶ୍ୟକତା ବୁଝିବା ପାଇଁ ସମସ୍ତ ଦଳ ଟିମ୍ ପଠାଇପାରିବେ। ଏହା କୌଣସି ଗୋଟିଏ ଦଳର ପ୍ରସଙ୍ଗ ନୁହେଁ, ବରଂ ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସେ ମତ ଦେଇଛନ୍ତି । ଅନ୍ୟପଟେ, ◆◆ପୃଷ୍ଠା ୭

ବାତ୍ୟା ଭୟରେ ଖୋଲିଲା ଇନ୍ଦ୍ରାବତୀ ଗେଟ୍: ପ୍ରବଳ ବର୍ଷା ଆଶଙ୍କା, ଖୋଲିଲା ୩ ଓ ୬ ନମ୍ବର ଗେଟ୍

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ସମ୍ଭାବ୍ୟ ଘୂର୍ଣ୍ଣିବାତ୍ୟା ଓ ଆଗାମୀ ଦିନରେ ପ୍ରବଳ ବର୍ଷା ଆଶଙ୍କା ମଧରେ ନବରଙ୍ଗପୁର ଜିଲ୍ଲାରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରର ଦୁଇଟି ଗେଟ୍ ଖୋଲାଯାଇଛି। ପ୍ରାୟ ମାସକ ପରେ ଜଳଭଣ୍ଡାରର ୩ ନମ୍ବର ଓ ୬ ନମ୍ବର ଗେଟ୍‌କୁ ଅଧା ମିଟର ଲେଖାଏଁ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ଦୁଇଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ପ୍ରାୟ ୧୩୩ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି। ଗେଟ୍ ଖୋଲାଯିବା ସମୟରେ ଜଳଭଣ୍ଡାରର ଜଳସ୍ତର ୬୪୦ ମିଟର ରହିଥିଲା। ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗେଟ୍ ଖୋଲାଯାଇଥିବା ସୂଚନା ମିଳିଛି। ଇନ୍ଦ୍ରାବତୀ-କୋଲାବ ବେସିନ୍ କାର୍ଯ୍ୟାଳୟ, ବାରିଣୀପୁଟର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭାଗିରଥି ପାତ୍ରଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀମାନେ ଡ୍ୟାମ୍‌ର ସ୍ଥିତି ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନେଇଥିଲେ। ଜଳଭଣ୍ଡାରର ଜଳସ୍ତର ୬୩୯ ମିଟରକୁ ଖସିଲେ ଗେଟ୍ ବନ୍ଦ କରାଯିବ ବୋଲି କୁହାଯାଇଛି। ଅନ୍ୟପଟେ ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବର୍ଷା ଓ ବାତ୍ୟା ସ୍ଥିତି ଉପରେ ନଜର ରଖି ଜଳଭଣ୍ଡାରର ପରିଚାଳନା କରାଯାଉଛି।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ବାତ୍ୟା ଆଶଙ୍କା ନେଇ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ସ୍ଥଗିତ ରହିଛି। ଆସନ୍ତା ୨୮ ଓ ୨୯ ତାରିଖରେ ରାଷ୍ଟ୍ରପତିଙ୍କର ମୟୂରଭଞ୍ଜ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ତେବେ ଅକ୍ଟୋବର ବଦଳରେ ଆସନ୍ତା ନଭେମ୍ବର ୪ ଓ ୫ରେ ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସିବେ । ରାଷ୍ଟ୍ରପତିଙ୍କ ସଚିବାଳୟର ଟୁର୍ ସେକ୍ସନ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା: ନଭେମ୍ବର ୨ରେ ସରୁଛି ବିନୟ ତୋଷଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଓଡ଼ିଶାର ପରବର୍ତ୍ତୀ ପୂର୍ଣ୍ଣକାଳୀନ ଡିଜିପି କିଏ ହେବେ? ଏହାକୁ ନେଇ ଏବେ ବଢ଼ିଛି ଉତ୍କଣ୍ଠା। ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ମାମଲା ଚାଲିଥିବା ବେଳେ ଏଯାଏଁ ଆସିନାହିଁ ଚୂଡ଼ାନ୍ତ ରାୟ। ଅନ୍ୟପଟେ ଅନ୍ତରୀଣ ଡିଜିପି ବିନୟ ତୋଷ ମିଶ୍ରଙ୍କ କାର୍ଯ୍ୟକାଳ ନଭେମ୍ବର ୨ରେ ଶେଷ ହେବାକୁ ଯାଉଛି। ତେଣୁ ଆଗକୁ ସରକାର କି ପଦକ୍ଷେପ ନେବେ, ତାହାକୁ ନେଇ ଚର୍ଚ୍ଚା ବଢ଼ିଛି। ଅଗଷ୍ଟ ୧୬ ତାରିଖରୁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ତୁଲାଉଛନ୍ତି ବିନୟ ତୋଷ ମିଶ୍ର। ଏପଟେ ଡିଜିପି ଚୟନକୁ ନେଇ ନ୍ୟାୟିକ ପ୍ରକ୍ରିୟା ଜାରି ରହିଛି। ଗତ ୨୯ ତାରିଖରେ ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ହେଲେ ଏଯାଏଁ ରାୟ ପ୍ରକାଶ ପାଇନାହିଁ। ଏହି ମାମଲାରେ ବରିଷ୍ଠ ଆଇପିଏସ୍ ◆◆ପୃଷ୍ଠା ୭

ମିଳିତ ଜାତିସଂଘ ଦିବସରେ ବିରୋଧୀ ଦଳ ନେତାଙ୍କ ବାର୍ତ୍ତା

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ମିଳିତ ଜାତିସଂଘ ଦିବସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ବାର୍ତ୍ତା ଜାରି କରି ମାନବାଧିକାରର ପ୍ରଗତି ପାଇଁ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ଏକ ବାର୍ତ୍ତାରେ ସେ କହିଛନ୍ତି ଯେ, ଆଠ ଦଶନ୍ଧି ପୂର୍ବେ, ମିଳିତ ଜାତିସଂଘ ଏହି ଚିନ୍ତାଧାରାକୁ ରୂପ ଦେଇଥିଲା ଯେ, ମାନବଜାତିର ସାମୂହିକ ଭବିଷ୍ୟତ ଏବଂ ପରସ୍ପର ସହ ଜଡ଼ିତ ଭାଗ୍ୟ ଶାନ୍ତି, ବିକାଶ ଓ ମାନବାଧିକାରର ପ୍ରଗତି ପାଇଁ ଏକାଠି କାର୍ଯ୍ୟ କରିବାର ଆମର ସାମର୍ଥ୍ୟ ଉପରେ ନିର୍ଭର କରେ। ଆମେ ବିଭାଜନ ପରିବର୍ତ୍ତେ ସଂଳାପକୁ ଏବଂ ସଂଘର୍ଷ ପରିବର୍ତ୍ତେ ସହଯୋଗକୁ ଆପଣାଇଥିଲୁ। ମିଳିତ ଜାତିସଂଘ ଦିବସ ଅବସରରେ, ଆସନ୍ତୁ ଆମ ମଧରେ ଥିବା ଭେଦଭାବ ଓ ବିଭେଦର ସେତୁ ନିର୍ମାଣ କରିବା, ପାରସ୍ପରିକ ଏକତାକୁ ସୁଦୃଢ଼ କରିବା ଏବଂ ଏପରି ଏକ ବିଶ୍ୱ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବା, ଯେଉଁଠାରେ ସମସ୍ତଙ୍କୁ ସମାନ ସୁଯୋଗ ମିଳିବ ଏବଂ କେହି ମଧ ପଛରେ ପଡ଼ି ରହିବେ ନାହିଁ।

ଓଡ଼ିଶାକୁ ମୋଦୀଙ୍କ ବଡ଼ ଭେଟି: ଭୁବନେଶ୍ୱରରେ ଆରବିଆଇ ଡାଟା ସେଣ୍ଟରର ହେବ ଉଦ୍‌ଘାଟନ



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଓଡ଼ିଶାକୁ ଆଉ ଏକ ବଡ଼ ଭେଟି ଦେବାକୁ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଖୋର୍ଦ୍ଧାରେ ନିର୍ମିତ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡାଟା ସେଣ୍ଟରକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅପରାହ୍ଣ ୪ଟା ୧୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ମୋଦୀ। ସେଠାରୁ ହେଲିକପ୍ଟର ଯୋଗେ ଖୋର୍ଦ୍ଧାରେ କାର୍ଯ୍ୟକ୍ରମ ସ୍ଥଳକୁ ଯିବେ। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ ସହ ଓଡ଼ିଶାର ବିକାଶକୁ ନୂଆ ଦିଗ ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି ପ୍ରଧାନମନ୍ତ୍ରୀ। ଆରବିଆଇର ଏହି ଡାଟା ସେଣ୍ଟର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସହ ସମନ୍ୱୟ ରଖି କାର୍ଯ୍ୟ କରିବ। ଆରବିଆଇର ଗୁରୁତ୍ୱପୂର୍ଣ୍ଣ ଡାଟା ଓ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟକୁ ସୁରକ୍ଷିତ ରଖିବାରେ ଏହା ସହାୟକ ହେବ। ମୁମ୍ବାଇର ଡାଟା ସେଣ୍ଟରରେ କୌଣସି କାରଣରୁ ସମସ୍ୟା ଉପୁଜିଲେ ଭୁବନେଶ୍ୱରରେ ତଥ୍ୟ ସୁରକ୍ଷିତ ରଖାଯାଇପାରିବ। ଏହା ସାଇବର ସୁରକ୍ଷା ଓ ଆର୍ଥିକ ତଥ୍ୟର ନିରନ୍ତର ଉପଲବ୍ଧତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି କମିଶନରେଟ୍ ପୋଲିସ। ବିମାନବନ୍ଦରରୁ କାର୍ଯ୍ୟକ୍ରମସ୍ଥଳ ପର୍ଯ୍ୟନ୍ତ କାରକେଡ୍ ରିହର୍ସାଲ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୫୭ ପ୍ଲାଟୁନ୍ ପୋଲିସ ଫୋର୍ସ, ୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଏବଂ ୨୦୦ ଅଧିକାରୀ ନିୟୋଜିତ ହେବେ। ଏଥିରେ ୧୦ ଜଣ ଏସ୍‌ପି ମଧ ସାମିଲ ଅଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ଅପରାହ୍ଣ ୪ଟା ୧୦ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ମୋଦୀ ହେଲିକପ୍ଟରରେ ଖୋର୍ଦ୍ଧା ଯିବେ। ଅପରାହ୍ଣ ୪ଟା ୪୫ରୁ ୫ଟା ୪୫ ପର୍ଯ୍ୟନ୍ତ ଡାଟା ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରହିବେ। ଏହାପରେ ସନ୍ଧ୍ୟା ୬ଟା ୩୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଫେରିଯିବେ ପ୍ରଧାନମନ୍ତ୍ରୀ।

ହୀରାକୁଦ ଥାଇ ବି ଶୁଖିଲା ଚାଷ ଜମି: ସମ୍ବଲପୁରରେ ମରୁଡ଼ି ଭୟ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଦକ୍ଷିଣ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ନେଇ ଆତଙ୍କ ଥିବାବେଳେ ପଶ୍ଚିମ ଓଡ଼ିଶାରେ ଘାରିଛି ମରୁଡ଼ି ଚିନ୍ତା। ସୁନ୍ଦରଗଡ଼ ପରେ ଏବେ ସମ୍ବଲପୁର ଜିଲ୍ଲାରୁ ଆସିଛି ଶୁଖିଲା ଚାଷ ଜମିର ଚିତ୍ର । ଯେଉଁ ଜିଲ୍ଲାରେ ରହିଛି ହୀରାକୁଦ ନଦୀବନ୍ଧ, ସେଠାରେ ଚାଷ ଜମିକୁ ପାଣି ମିଳୁନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। କେବେ ବର୍ଷା ହେବ ଏବଂ କେବେ କ୍ଷେତରେ ଫସଲ ହସିବ, ସେହି ଅପେକ୍ଷାରେ ରହିଛନ୍ତି ଚାଷୀ। ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଅଞ୍ଚଳରେ ଜଳସେଚନ ସମସ୍ୟା ଚାଷୀଙ୍କ ଦୁର୍ଦ୍ଦଶାକୁ ବଢ଼ାଇଛି। ଜମିକୁ ପର୍ଯ୍ୟାପ୍ତ ପାଣି ମିଳୁନଥିବାରୁ କେହି ପୋଖରୀରୁ ତ ଆଉ କେହି ଗାଡ଼ିଆରେ ମୋଟର ଲଗାଇ ଧାନ ଜମିକୁ ପାଣି ମଡ଼ାଉଛନ୍ତି। ତଥାପି ଜଳ ଅଭାବରୁ ଫସଲ ନଷ୍ଟ ହେବାକୁ ବସିଛି। ଫଳରେ ଶହ ଶହ ଚାଷୀ ବର୍ଷାକୁ ଚାହିଁ ବସିଛନ୍ତି। ଅନ୍ୟପଟେ ସୁନ୍ଦରଗଡ଼ ଜିଲ୍ଲାରେ ଚଳିତ ବର୍ଷ ଜୁନ୍ ଶେଷ ସପ୍ତାହରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ରେକର୍ଡଠାରୁ ଅଧିକ ବର୍ଷା ହୋଇଥିଲେ ମଧ ଏବେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଧାନ ଗଛରେ କେଣ୍ଡା ଧରିବା ସମୟରେ ଜମି ଶୁଖି ଫାଟି ଆଁ କରିଛି। ◆◆ପୃଷ୍ଠା ୭

ଶାନ୍ତି ବଣ୍ଡରେ ସ୍ୱାକ୍ଷର କରିବି ନାହିଁ: ନେହା ବୋରା



ନୂଆଦିଲ୍ଲୀ,୨୪/୧୦ : ଶାନ୍ତି ବଣ୍ଡକୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍‌ର ରାଷ୍ଟ୍ରୀୟ ଅଧକ୍ଷ ନେହା ବୋରା । ୧୦ ହଜାର ଟଙ୍କାର ଶାନ୍ତି ବଣ୍ଡରେ ସ୍ୱାକ୍ଷର କରିବାକୁ ସେ ସିଧାସଳଖ ମନା କରିଦେଇଛନ୍ତି। ଦିଲ୍ଲୀରେ ଏହି ପ୍ରସଙ୍ଗକୁ ନେଇ ରାଜନୈତିକ ଓ ଗଣତାନ୍ତ୍ରିକ ଅଧିକାର ସମ୍ପର୍କିତ ଚର୍ଚ୍ଚା ଜୋର୍ ଧରିଛି । ଦିଲ୍ଲୀ ହାଇକୋର୍ଟରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନୋଟିସ୍ ବିରୋଧରେ ଦାଖଲ ହୋଇଥିବା ଆବେଦନ ଖାରଜ ହେବା ପରେ ନେହା ବୋରା ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ କହିଛନ୍ତି, ଆମର କୌଣସି ସର୍ତ୍ତ ନାହିଁ । ଆମେ ଶାନ୍ତି ବଣ୍ଡରେ ସ୍ୱାକ୍ଷର କରିବୁ ନାହିଁ। ଏହାଦ୍ୱାରା ଆମର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଉଛି । ନେହାଙ୍କ ମତରେ, ଏଭଳି ବଣ୍ଡରେ ସ୍ୱାକ୍ଷର କରିବା ଦ୍ୱାରା ଭବିଷ୍ୟତରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଓ ଆନ୍ଦୋଳନକୁ ରୋକିବା ପାଇଁ ଏହାର ବ୍ୟବହାର କରାଯାଇପାରେ । ତେଣୁ ସେ ଏହି ବଣ୍ଡରେ ସ୍ୱାକ୍ଷର କରିବାକୁ ରାଜି ନୁହନ୍ତି । ଏହା ସହ ସେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ଲୋକଙ୍କ ମତଦାନ

ନିର୍ବାଚନ ପୂର୍ବରୁ ବିଜେପି ସହ ମେଣ୍ଟ ପାଇଁ ଶିରୋମଣି ପ୍ରସ୍ତୁତ: ଆପ୍ ଓ କଂଗ୍ରେସକୁ ସୁଖବୀରଙ୍କ ଟାର୍ଗେଟ୍



ନୂଆଦିଲ୍ଲୀ,୨୪/୧୦ : ପଞ୍ଜାବ ବିଧାନସଭା ନିର୍ବାଚନରେ ବିଜେପି ସହ ମେଣ୍ଟ ନେଇ ଅକାଳୀ ଦଳ ମୁଖ୍ୟ ସୁଖବିନ୍ଦିର ସିଂହ ବାଦଲ ପୁଣି ଥରେ ପରୋକ୍ଷରେ ଇଙ୍ଗିତ ଦେଇଛନ୍ତି । ଆପ ଓ କଂଗ୍ରେସକୁ ଛାଡି ଅନ୍ୟ ଦଳ ସହ ମେଣ୍ଟ ପାଇଁ ଦ୍ୱାର ଖୋଲା ବୋଲି ବାଦଲଙ୍କ ବୟାନ ଅକାଳୀ ଓ ବିଜେପି ମଧରେ ବୁଝାମଣା ସମ୍ଭାବନାକୁ ବୃଦ୍ଧି କରୁଛି । ଆପ ଓ କଂଗ୍ରେସକୁ ପଂଜାବର ମୁଖ୍ୟ ଶତ୍ରୁ ବୋଲି ଚିତ୍ରଣ କରି ସେମାନଙ୍କ ସହ ମେଣ୍ଟ ସମ୍ଭାବନାକୁ ଅକାଳୀ ମୁଖ୍ୟ ସୁଖବିର ସିଂହ ବାଦଲ ଖଣ୍ଡନ କରିଛନ୍ତି । ଯାହାକି ବିଜେପି ସହ ବୁଝାମଣାର ପ୍ରଥମ ସୋପାନ ବୋଲି କୁହାଯାଇପାରେ କିଛି ମାସ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସୁଖବିର ସିଂହ ବାଦଲ ସାକ୍ଷାତ ପରେ ଦୁଇ ଦଳର ମେଣ୍ଟ ଖବର ବଢିଥିଲା । ଏହାକୁ ପରୋକ୍ଷରେ ସୁଖବିରଙ୍କ ପତ୍ନୀ ହରସିମରତ କୌରଙ୍କ ସମେତ ଅକାଳୀ ଦଳର ଅନେକ ତୁଙ୍ଗ ନେତା ସ୍ୱୀକାର କରିଥିଲେ । ମାତ୍ର ମେଣ୍ଟ ଉପରେ ରାଜ୍ୟ ବିଜେପି ନେତା ମାନେ କୌଣସି ଇଙ୍ଗିତ ଦେବା ବଦଳରେ ବିଧାନସଭାର ସମସ୍ତ ଆସନରେ ପ୍ରାର୍ଥୀ ଦେବାକୁ ବାହାସ୍ୱଟ ମାରୁଛନ୍ତି । ଏଭଳି ସ୍ଥିତିରେ ସୁଖବିରଙ୍କ ବୟାନ, ପ୍ରସ୍ତାବିତ ମେଣ୍ଟ ପ୍ରସଙ୍ଗକୁ ଗୋଳମାଳିଆ କରିଦେଇଛି । ବିଜେପି ସହ ଅକାଳୀ ଦଳର ଦୀର୍ଘ ୨୪ ବର୍ଷର ମେଣ୍ଟ ଏନ୍‌?ଡିଏ ସରକାରଙ୍କ କୃଷି ଆଇନକୁ ନେଇ ୨୦୨୦ରେ ଭାଙ୍ଗିଥିଲା । ଏହା ପରଠାରୁ ୨୦୨୨ ବିଧାନସଭା ଓ ୨୦୨୪ ଲୋକସଭା ନିର୍ବାଚନରେ ଦୁଇ ଦଳ ଅଲଗା ଅଲଗା ଲଢ଼ି ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଥିଲେ । ଏବେ ବିଧାନସଭା ନିର୍ବାଚନ ପୂର୍ବରୁ ଦୁଇ ଦଳ ମଧରେ ମେଣ୍ଟର ଗୁଞ୍ଜରଣ ଉଠିବା ସ୍ୱାଭାବିକ । ମାତ୍ର ମେଣ୍ଟ ହେଲେ ଦୁଇ ଦଳ ମଧରେ ଆସନ ଭାଗବଣ୍ଟା କାଠିକର ପାଠ ହେବ ।

କୋକ୍ ଓଭନ୍ସ, ବ୍ୟାଟେରୀ-୬ ର 'କର୍ମବୀର' କ୍ୱାଲିଟି ସର୍କଲ୍ ଦ୍ୱାରା ସି.ଡି.ସି.ପି.ର କାର୍ଯ୍ୟକ୍ଷମ ବିଶ୍ୱସନୀୟତାରେ ବୃଦ୍ଧି



ରାଉରକେଲା, ୨୪/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ର କୋକ୍ ଓଭନ୍ସ, ବ୍ୟାଟେରୀ-୬ ର 'କର୍ମବୀର' କ୍ୱାଲିଟି ସର୍କଲ୍ "ସି.ଡି.ସି.ପି ର ଡାଉନ୍‌ଟାଇମ୍ ହ୍ରାସ କରିବା" ଶୀର୍ଷକ ଏକ କ୍ୱାଲିଟି ସର୍କଲ୍ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। କ୍ଷତିଗ୍ରସ୍ତ ଏକ୍ସପ୍ଲୋଜନ୍ ଫ୍ଲାପ୍ ବଦଳାଇବା ସମୟରେ ସି.ଡି.ସି.ପି ଚାୟରର ଅନୁପାଲବ୍ଧତା ସମୟ (ଡାଉନ୍‌ଟାଇମ୍) ହ୍ରାସ କରିବା ଉପରେ ଏହି ପ୍ରକଳ୍ପ କେନ୍ଦ୍ରୀଭୂତ ଥିଲା। ଏହି କ୍ୱାଲିଟି ସର୍କଲ୍ ଦଳ ସମସ୍ୟାର ଏକ ପ୍ରଣାଳୀବଦ୍ଧ ବିଶ୍ଳେଷଣ କରିଥିଲେ, ପ୍ରଚଳିତ ପରିବର୍ତ୍ତନ ପଦ୍ଧତିର ସମୀକ୍ଷା କରିଥିଲେ, ଚାୟର ଅନୁପଲବ୍ଧତାର ମୁଖ୍ୟ କାରଣଗୁଡ଼ିକୁ ଚିହ୍ନଟ କରିଥିଲେ ଏବଂ ଫ୍ଲାପ୍ ପରିବର୍ତ୍ତନର ଏକ ନିରାପଦ ଓ ଅଧିକ ଦକ୍ଷ ପଦ୍ଧତି ଅନୁସନ୍ଧାନ କରିଥିଲେ। ଏକ ସୁଧାର ସ୍ୱରୂପ, ଦଳ ଉପଯୁକ୍ତ ସକ୍‌ସନ୍ ଏବଂ କାର୍ଯ୍ୟକ୍ଷମ ପରିସ୍ଥିତି ବଜାୟ ରଖି ମିଲ୍ ଫ୍ୟାନ୍‌କୁ ବନ୍ଦ ନ କରି ୨୪-ମିଟର ଏକ୍ସପ୍ଲୋଜନ୍ ଫ୍ଲାପ୍ ବଦଳାଇବା ପାଇଁ ଏକ ନିରାପଦ ପ୍ରକ୍ରିୟା ବିକଶିତ କରିବା ସହ ସଫଳତାର ସହ କାର୍ଯ୍ୟକାରୀ କରିଥିଲେ।

ଏହାର ପରିଣାମ ସ୍ୱରୂପ, ପ୍ରତି ଫ୍ଲାପ୍ ପରିବର୍ତ୍ତନ ସମୟରେ ହାରାହାରି ସି.ଡି.ସି.ପି ଚାୟର ଅନୁପଲବ୍ଧତା ୮୦.୯ ମିନିଟ୍‌ରୁ ୧୫.୩ ମିନିଟ୍‌କୁ ହ୍ରାସ ପାଇଥିଲା, ଏବଂ ଏହି କାର୍ଯ୍ୟକଳାପ ସହିତ ଜଡ଼ିତ ପୁସିଂ ଡ୍ରପ୍ ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯାଇଥିଲା। ଏହି ସୁଧାର ଦ୍ୱାରା ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ, ଯନ୍ତ୍ରପାତିର ଉପଲବ୍ଧତା ଏବଂ ଅଧିକ ନିରାପଦ କାର୍ଯ୍ୟ ପ୍ରଣାଳୀ ବୃଦ୍ଧି ପାଇବା ସହ ଆନୁମାନିକ ୨୭ ଲକ୍ଷ ଟଙ୍କାର ଆର୍ଥିକ ଲାଭ ହୋଇଥିଲା। ଏହି ପ୍ରକଳ୍ପ ସୁରକ୍ଷା, ଦଳଗତ କାର୍ଯ୍ୟ, ପ୍ରଣାଳୀବଦ୍ଧ ସମସ୍ୟା ସମାଧାନ, ନବସୃଜନ ଏବଂ ନିରନ୍ତର ସୁଧାର ପ୍ରତି କ୍ୱାଲିଟି ସର୍କଲ୍ ଦଳର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'କର୍ମବୀର' ଦଳରେ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ କୁଳମଣି ସାହୁ ଓ ଶ୍ରୀ ଦୀପକ କୁମାର ଦେ ଏବଂ ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ସଞ୍ଜୟ କୁମାର ସାହୁ ଓ ଶ୍ରୀ ଅଶ୍ୱିନୀ କୁମାର ବେହେରା ସାମିଲ ଥିଲେ। କୋକ୍ ଓଭନ୍ସର ଉପପ୍ରବନ୍ଧକ ଶ୍ରୀ ଗୋପାଳ ବର୍ମା ଫାସିଲିଟେଟର ଭାବରେ କାର୍ଯ୍ୟ କରିଥିଲେ।

ନୂଆ ଟିହରୀରେ ହେଲିକପ୍ଟରର ସତର୍କତାମୂଳକ ଅବତରଣ: ୬ ଜଣ ଯାତ୍ରୀ ସୁରକ୍ଷିତ

ନୂଆଦିଲ୍ଲୀ,୨୪/୧୦ : ଉତ୍ତରାଖଣ୍ଡର ନୂଆ ଟିହରୀରେ ଶନିବାର ସକାଳେ ଚାରିଧାମ ଯାତ୍ରାରେ ନିୟୋଜିତ ଏକ ହେଲିକପ୍ଟରକୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବୌରାଡ଼ି ଷ୍ଟାଡିୟମ୍‌ରେ ଅବତରଣ କରାଯାଇଥିଲା। ହେଲିକପ୍ଟରରେ ମୁମ୍ବାଇର ୬ ଜଣ ଯାତ୍ରୀ ଥିଲେ ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ବୈଷୟିକ ତ୍ରୁଟିର ଯାଞ୍ଚ ପରେ ହେଲିକପ୍ଟରଟି ପୁଣି ଗୁପ୍ତକାଶୀ ଅଭିମୁଖେ ଉଡ଼ାଣ ଭରିଥିଲା। ଏହି ହେଲିକପ୍ଟରଟି ଟ୍ରାନ୍ସ ଭାରତ କମ୍ପାନୀର ଥିଲା। ଶନିବାର ସକାଳ ପ୍ରାୟ ୮ଟା ସମୟରେ ଏହା ସହସ୍ରଧାରାରୁ ଗୁପ୍ତକାଶୀ ଅଭିମୁଖେ ଯାଉଥିଲା। ଏହି ସମୟରେ ଏହାକୁ ନୂଆ ଟିହରୀର ବୌରାଡ଼ି ଷ୍ଟାଡିୟମ୍‌ରେ ଅବତରଣ କରାଯାଇଥିଲା। ପାଇଲଟ୍‌ଙ୍କ କହିବା ଅନୁଯାୟୀ, ଏହା ଜରୁରୀକାଳୀନ ଅବତରଣ ନଥିଲା, ବରଂ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ହେଲିକପ୍ଟରଟିକୁ ଅବତରଣ କରାଯାଇଥିଲା। ହେଲିକପ୍ଟରର ଯାଞ୍ଚ ସମୟରେ ସମ୍ଭାବ୍ୟ ବୈଷୟିକ ତ୍ରୁଟିର ଯାଞ୍ଚ କରାଯାଇଥିଲା। ଏହା ପରେ ହେଲିକପ୍ଟରଟି ପୁଣି ଗୁପ୍ତକାଶୀ ଅଭିମୁଖେ ଉଡ଼ାଣ ଭରିଥିଲା। ସ୍ଥାନୀୟ ବାସିନ୍ଦା ପରମାନନ୍ଦ ମୈଠାଣୀ ଏବଂ ବିକ୍ରମ ସିଂହ ନେଗୀ କହିଛନ୍ତି ଯେ, ସେମାନେ ଶନିବାର ସକାଳେ ପ୍ରାତଃଭ୍ରମଣରେ ଯାଉଥିବା ସମୟରେ ହେଲିକପ୍ଟରଟି ଦ୍ରୁତ ଗତିରେ ଷ୍ଟାଡିୟମ୍‌ରେ ଅବତରଣ କରିଥିଲା। ସେହି ସମୟରେ ପଡ଼ିଆରେ କିଛି ପିଲା ମଧ୍ୟ ଖେଳୁଥିଲେ। ହେଲିକପ୍ଟରକୁ ଅବତରଣ କରୁଥିବା ଦେଖି ସେମାନେ ପଡ଼ିଆର ଏକ ପାର୍ଶ୍ୱକୁ ଚାଲିଯାଇଥିଲେ।

ରେଳବାଇ ସୁରକ୍ଷା ପାଇଁ ଗୁଇନ୍ଦା ଭିତିକ ପୋଲିସିଂ ଏବଂ ଏଜେନ୍ସି ସମନ୍ୱୟ ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, ୨୪/୧୦ (ନି.ପ୍ର): ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଗୁଇନ୍ଦା ଆଧାରିତ ପୁଲିସ ବ୍ୟବସ୍ଥା, ଆଧୁନିକ ପ୍ରଯୁକ୍ତିର ଉପଯୋଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ), ସରକାରୀ ରେଳ ପୁଲିସ (ଜିଆରପି) ଏବଂ ରାଜ୍ୟ ପୁଲିସ ମଧ୍ୟରେ ଉନ୍ନତ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଆରପି ମୁଖ୍ୟମାନଙ୍କ ଅଷ୍ଟମ ସର୍ବଭାରତୀୟ ସମ୍ମିଳନୀରେ ଦୀପାବଳି ଏବଂ ଛଟ୍ ସମୟରେ ଭିଡ଼ ପରିଚାଳନା, ଟ୍ରେନ୍ ଉପରେ ପଥର ଫିଙ୍ଗିବା ରୋକିବା ଏବଂ ଯାତ୍ରୀଙ୍କ ଅଭିଯୋଗର ଶୀଘ୍ର ସମାଧାନ ସମେତ ବିଭିନ୍ନ ସୁରକ୍ଷା ଆହ୍ୱାନ ଉପରେ ଆଲୋଚନା କରାଯାଇଥିଲା।

ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ଶୁକ୍ରବାର ନୂଆଦିଲ୍ଲୀରେ ସମାପ୍ତ ହୋଇଛି। ଏଥିରେ ଆର. ପି. ଏଫ୍. ର ମହାନିର୍ଦ୍ଦେଶକ ସୋନାଲି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ସତୀଶ କୁମାର, ରେଳବାଇ ବୋର୍ଡର ସଦସ୍ୟ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ଜିଆରପି ମୁଖ୍ୟମାନେ ଯୋଗ ଦେଇଥିଲେ।

ଏହି ସମ୍ମିଳନୀ ସମୟରେ ଜିଆରପି କର୍ମଚାରୀଙ୍କୁ ରେଳ ସହାୟତା ମଂଚ ସହିତ ସଂଯୋଗ କରିବାର ପଦକ୍ଷେପ ପ୍ରମୁଖ ଥିଲା। ସେଣ୍ଟର ଫର ରେଲୱେ ଇନଫର୍ମେସନ ସିଷ୍ଟମ (ସିଆରଆଇଏସ) ଏହି ମଂଚରେ ଜିଆରପି କର୍ମଚାରୀଙ୍କୁ ନିୟୋଜିତ କରିଛି। ଏହାର ଉଦ୍ଦେଶ୍ୟ ହେଉଛି ଯାତ୍ରୀଙ୍କ ଅଭିଯୋଗର ସମାଧାନକୁ ତ୍ୱରାନ୍ୱିତ କରିବା, ସମୟୋଚିତ ସୂଚନା ବିନିମୟ ସୁନିଶ୍ଚିତ କରିବା ଏବଂ ଅଭିଯୋଗଗୁଡ଼ିକର ତଦାରଖକୁ ଉନ୍ନତ କରିବା। କେନ୍ଦ୍ରୀୟ ରେଳବାଇର ପୁଣେ ଡିଭିଜନ 'ପ୍ରୋଜେକ୍ଟ ଦିଶା 'ବିଷୟରେ ସୂଚନା ଦେଇଛି। ଏହି ପଦକ୍ଷେପ ଅଧୀନରେ ରେଳ ଟ୍ରାକ୍ ଆଖପାଖରେ ରହୁଥିବା ପିଲାମାନଙ୍କୁ ଶିକ୍ଷାଗତ ଓ ମନୋରଞ୍ଜନ କାର୍ଯ୍ୟକଳାପ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ରେଳ ସୁରକ୍ଷା ବିଷୟରେ ସଚେତନ କରାଯାଏ। ଦକ୍ଷିଣ କେନ୍ଦ୍ରୀୟ ରେଳବାଇ ଏହାର 'ପିଙ୍କ୍ ପାଟ୍ରୋଲ୍ : ଆକାଶରେ ଆଖି, ଭୂମିରେ ଶକ୍ତି' ମଡେଲ ଉପସ୍ଥାପନ କରିଥିଲା। ଏହି ପଦକ୍ଷେପ ଅଧୀନରେ, ଡ୍ରୋନ୍ ନିରୀକ୍ଷଣ ଏବଂ ତ୍ୱରିତ ପ୍ରତିକ୍ରିୟା ଦଳକୁ ଶକ୍ତି ଫ୍ରେମୱାର୍କ ସହିତ ସମନ୍ୱିତ କରାଯାଇଛି। ମହିଳା ନେତୃତ୍ୱାଧୀନ ସୁରକ୍ଷା ପ୍ରୟାସର ଏକ ଉଦାହରଣ ଭାବେ ଏହି ସମ୍ମିଳନୀରେ ଏହା ଉପରେ ଆଲୋକପାତ କରାଯାଇଥିଲା।

ଏହି ବୈଠକରେ ଟ୍ରେନ୍ ଉପରେ ପଥର ଫିଙ୍ଗିବା ଘଟଣା ଉପରେ ଚିନ୍ତା ବ୍ୟକ୍ତ କରାଯାଇଥିଲା ଏବଂ ସମ୍ବେଦନଶୀଳ ସ୍ଥାନରେ ପାଟ୍ରୋଲିଂ ବୃଦ୍ଧି, ତଦାରଖକୁ ମଜବୁତ କରିବା ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯୁବକମାନଙ୍କ ମଧ୍ୟରେ ସଚେତନତା ଅଭିଯାନର ଆବଶ୍ୟକତା ଏବଂ ପ୍ରତିରୋଧ ପ୍ରୟାସରେ ସ୍ଥାନୀୟ ସମ୍ପ୍ରଦାୟକୁ ସାମିଲ କରିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ପାର୍ବଣ ଋତୁରେ ରେଳ ଷ୍ଟେସନରେ ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଉତ୍ତର ରେଳବାଇର ଦିଲ୍ଲୀ ଡିଭିଜନ ଦିଲ୍ଲୀ ପୋଲିସ, ଜିଆରପି ଏବଂ ଦିଲ୍ଲୀ ମେଟ୍ରୋ ସହିତ ସମନ୍ୱୟ ରକ୍ଷା କରି କରାଯାଇଥିବା ବ୍ୟବସ୍ଥା ବିଷୟରେ ସୂଚନା ଦେଇଛି। ଏଥିରେ ସି. ସି. ଟି. ଭି. କ୍ୟାମେରା, ସାର୍ବଜନୀନ ଘୋଷଣା ବ୍ୟବସ୍ଥା, ବ୍ୟାରିକେଡିଂ, ଯାତ୍ରୀମାନଙ୍କ ପାଇଁ ନିର୍ଦ୍ଧାରିତ ପ୍ରତୀକ୍ଷା କ୍ଷେତ୍ର ଏବଂ ନିୟନ୍ତ୍ରଣ କକ୍ଷ ସହିତ ନଜର ରଖିବା ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀରେ ଅଗ୍ରୀମ ଯୋଜନା, ସୁଗମ ଯାତ୍ରୀ ପରିବହନ ଏବଂ ସୁରକ୍ଷା କର୍ମୀଙ୍କ ସମନ୍ୱିତ ନିୟୋଜନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

କେନ୍ଦ୍ରୀୟ ରେଳବାଇର ପୁଣେ ଡିଭିଜନ 'ପ୍ରୋଜେକ୍ଟ ଦିଶା 'ବିଷୟରେ ସୂଚନା ଦେଇଛି। ଏହି ପଦକ୍ଷେପ ଅଧୀନରେ ରେଳ ଟ୍ରାକ୍ ଆଖପାଖରେ ରହୁଥିବା ପିଲାମାନଙ୍କୁ ଶିକ୍ଷାଗତ ଓ ମନୋରଞ୍ଜନ କାର୍ଯ୍ୟକଳାପ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ରେଳ ସୁରକ୍ଷା ବିଷୟରେ ସଚେତନ କରାଯାଏ। ଏନ୍. ଜି. ଓ., ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଯୋଗଦାନ ସହିତ, ପିଲାମାନଙ୍କୁ ପଥର ଫିଙ୍ଗିବା, ଚୋରି, ଟ୍ରାକ୍ ଅନଧିକୃତ ଭାବରେ ଅତିକ୍ରମ କରିବା ଏବଂ ଅନ୍ୟାନ୍ୟ ଅସୁରକ୍ଷିତ କାର୍ଯ୍ୟକଳାପରୁ ଦୂରରେ ରହିବାକୁ ପ୍ରୋତ୍ସାହିତ କରାଯାଏ ।

ଏହି ସମ୍ମିଳନୀରେ ଆର. ପି. ଏଫ୍. ଏବଂ ଜି.ଆର.ପି. ର ମିଳିତ ପ୍ରଶିକ୍ଷଣ, ରେଳବାଇରେ ଭଙ୍ଗାରୁଜା ରୋକିବା ଏବଂ ନିଶାଦ୍ରବ୍ୟ ଜବତ ସମ୍ବନ୍ଧୀୟ ସୂଚନାର ଦ୍ରୁତ ବିନିମୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଡିଜିଟାଲ ପ୍ରମାଣ ପରିଚାଳନା, ତଦନ୍ତ ପ୍ରକ୍ରିୟାରେ ଏକରୂପତା, ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ଏବଂ ଅନୁସନ୍ଧାନ କ୍ଷମତାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ସତୀଶ କୁମାର କହିଥିଲେ ଯେ, ରେଳବାଇର ପରିବର୍ତ୍ତିତ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ରେଳବାଇ ପ୍ରଶାସନ, ଆରପିଏଫ, ଜିଆରପି ଏବଂ ରାଜ୍ୟ ପୋଲିସ ମଧ୍ୟରେ ସମନ୍ୱିତ ପ୍ରୟାସ, ବୈଷୟିକ ପ୍ରଗତି ଏବଂ ନବସୃଜନ ଆବଶ୍ୟକ। ସେ ଯାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ପୁଲିସ ବ୍ୟବସ୍ଥାକୁ ଭଦ୍ର ଏବଂ ପେସାଦାର କରିବା ଏବଂ ପ୍ରଯୁକ୍ତି ବିଦ୍ୟା ବ୍ୟବହାର ମାଧ୍ୟମରେ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ସମ୍ମିଳନୀ ଶେଷରେ ଆର. ପି. ଏଫ୍. ମହାନିର୍ଦ୍ଦେଶକ ସୋନାଲି ମିଶ୍ର ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଗୁଇନ୍ଦା ଭିତିକ ପୁଲିସ ବ୍ୟବସ୍ଥା ଗ୍ରହଣ କରିବା ଏବଂ ବିଭିନ୍ନ ସୁରକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଅକ୍ଟୋବର ୨୫ରୁ ଚାରି ଦିନିଆ ରାଜକୀୟ ଗସ୍ତରେ ଭାରତ ଆସିବେ ଲିକଟେନଷ୍ଟାଇନ୍‌ର ଯୁବରାଜ ଏଲୋଇସ୍

ନୂଆଦିଲ୍ଲୀ, ୨୪/୧୦ : ଭାରତ ଓ ଲିକଟେନଷ୍ଟାଇନ୍ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଲିକଟେନଷ୍ଟାଇନ୍‌ର ଯୁବରାଜ ଏଲୋଇସ୍ ରବିବାରଠାରୁ ଚାରି ଦିନିଆ ରାଜକୀୟ ଗସ୍ତରେ ଭାରତ ଆସିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣକ୍ରମେ ହେଉଥିବା ଏହି ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ନେଇ ଆଲୋଚନା ହେବ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି ବିବୃତି ଅନୁଯାୟୀ, ଲିକଟେନଷ୍ଟାଇନ୍ ରାଜ୍ୟର କାର୍ଯ୍ୟକାରୀ ରାଷ୍ଟ୍ରମୁଖ୍ୟ ଯୁବରାଜ ଏଲୋଇସ୍ ଅକ୍ଟୋବର ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ। ତାଙ୍କ ସହିତ ପତ୍ନୀ ସୋଫି, ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଶିଳ୍ପପତିଙ୍କୁ ନେଇ ଗଠିତ ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳ ମଧ୍ୟ ଭାରତ ଆସିବେ।

୨୦୨୬ ମସିହାରେ ଯୁବରାଜ ଏଲୋଇସ୍‌ଙ୍କର ଏହା ଦ୍ୱିତୀୟ ଭାରତ ଗସ୍ତ ହେବ। ଏହା ପୂର୍ବରୁ ସେ ଫେବୃଆରୀ ମାସରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଆସିଥିଲେ। ଏହା ପୂର୍ବରୁ ସେ ୨୦୧୦ ଓ ୨୦୧୮ ମସିହାରେ ମଧ୍ୟ ଭାରତ ଗସ୍ତ କରିଥିଲେ।

ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଯୁବରାଜ ଏଲୋଇସ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବ। ଏଥିରେ ବାଣିଜ୍ୟ ଓ ପୁଞ୍ଜିନିବେଶ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହେବ। ଉଭୟ ନେତା ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ଘଟଣାକ୍ରମ ଉପରେ ମଧ୍ୟ ନିଜ ନିଜର ମତ ବିନିମୟ କରିବେ।

ଯୁବରାଜ ଏଲୋଇସ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରିବେ। ତାଙ୍କ ସମ୍ମାନରେ ରାଷ୍ଟ୍ରପତି ଏକ ଆନୁଷ୍ଠାନିକ ଭୋଜିର ଆୟୋଜନ କରିବେ। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଯୁବରାଜ ଏଲୋଇସ୍‌ଙ୍କୁ ସାକ୍ଷାତ କରିବେ।

ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ୨୦୨୫ ମସିହାରେ ଭାରତ ଓ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଇଏଫ୍‌ଟିଏ) ମଧ୍ୟରେ ବାଣିଜ୍ୟ ଓ ଆର୍ଥିକ ଭାଗିଦାରି ଚୁକ୍ତି କାର୍ଯ୍ୟକାରୀ ହେବା ପରେ ଭାରତ ଓ ଲିକଟେନଷ୍ଟାଇନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ନୂଆ ଗତି ପାଇଛି। ଯୁବରାଜ ଏଲୋଇସ୍‌ଙ୍କ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ବଢ଼ୁଥିବା ସହଯୋଗକୁ ଆହୁରି ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଉଛି। ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଭାରତ ଓ ଲିକଟେନଷ୍ଟାଇନ୍ ମଧ୍ୟରେ ରହିଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆହୁରି ଗଭୀର କରିବା ସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ନୂତନ କ୍ଷେତ୍ରଗୁଡ଼ିକରେ ସହଭାଗିତାର ସୁଯୋଗ ଖୋଜିବା।


ରାଜସ୍ଥାନର ଚୁରୁରେ କାର୍ - ଟ୍ରକ୍ ଧକ୍କା : ଗୋଟିଏ ପରିବାରର ଛଅ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୪/୧୦ : ରାଜସ୍ଥାନର ଚୁରୁ ଜିଲ୍ଲାରେ ଏକ ଟ୍ରକ୍ ସହିତ କାର୍ ଧକ୍କା ହେବା ଫଳରେ ଗୋଟିଏ ପରିବାରର ପାଂଚ ଜଣ ସଦସ୍ୟ ଏବଂ ସେମାନଙ୍କ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଜଣେ ସାତ ମାସର ଶିଶୁ କନ୍ୟା ଗୁରୁତର ଆହତ ହୋଇଛି। ଏହି ପରିବାର ଗୋଗାମେଡ଼ି ଠାରେ ଦେବୀଙ୍କୁ ଦର୍ଶନ କରିବା ପାଇଁ ଯାଉଥିଲେ। ଦୁର୍ଘଟଣାର ଖବର ପ୍ରଚାରିତ ହେବା ପରେ ପରିବାରର ଗ୍ରାମ ସୋମସୀସର ସମେତ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଚୁରୁ ଜିଲ୍ଲାର ତାରାନଗର ଅଂଚଳର ସୋମସୀସର ଗାଁର ଏକ ପରିବାର ହନୁମାନଗଡ଼ ଜିଲ୍ଲାର ଗୋଗାମେଡ଼ି ଅଭିମୁଖେ ଦେବୀଙ୍କୁ ଦର୍ଶନ କରିବା ପାଇଁ ଯାଉଥିଲେ। ପରିବାର ସଦସ୍ୟମାନେ ଏକ କାରରେ ସେମାନଙ୍କର ଧାର୍ମିକ ଯାତ୍ରାରେ ଯାଉଥିଲେ। ଏହି ସମୟରେ ସାଦୁଲପୁର ଅଂଚଳର ଦଦରେୱା ଗ୍ରାମ ନିକଟରେ କାରଟି ଆଗକୁ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ କାରର ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ସୋମସୀସର ଗାଁର ଭଂୱରଲାଲ ଶର୍ମା, ତାଙ୍କ ପତ୍ନୀ ମହେନ୍ଦ୍ର, ବୋହୂ କବିତା, ଯଶୋଦା, କବିତାଙ୍କ ପୁଅ କହ୍ନେୟା ଏବଂ ଡ୍ରାଇଭର ମଙ୍ଗିଲାଲ। ଏହି ଦୁର୍ଘଟଣାରେ ଜଣେ ସାତ ମାସର ଶିଶୁ କନ୍ୟା ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛି । ସୂଚନା ପାଇବା ପରେ ଭଂୱରଲାଲଙ୍କ ଭାଇ ମଙ୍ଗିଲାଲ ଘଟଣାସ୍ଥଳରେ ପହଂଚି ପରିବାରକୁ ଚିହ୍ନଟ କରିଥିଲେ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି। ଦୁର୍ଘଟଣାର ପରିସ୍ଥିତିକୁ ନେଇ ପୋଲିସ ତଦନ୍ତ କରୁଛି।

ହୀରାକୁଦ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ସମ୍ବଲପୁର, ୨୪/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ହୀରାକୁଦ ହାଇସ୍କୁଲର ୧୯୭୬ ବ୍ୟାଚର ୫୦ ତମ ବନ୍ଧୁ ମିଳନ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡା ରାଜ୍ୟ ରାଜପଥର ମାଝୀପାଲି ଠାରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ ସ୍କୁଲ ଜୀବନର ଅତୀତ ପୃଷ୍ଠାକୁ ନେଇ ଉପସ୍ଥିତ ସହପାଠୀମାନେ ନିଜ ନିଜର ଅଭିଜ୍ଞତା ବଖାଣିବା ସହ ପାରସ୍ପାରିକ ସମ୍ପର୍କ, ସମନ୍ୱୟ ଓ ବିଦ୍ୟାଳୟର ବିକାଶ ଉପରେ ଆଲୋଚନା କରିଥିଲେ । ଅଧିକାଂଶ ସହପାଠୀ ଅବସର ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନର ମାଧ୍ୟମ ବିଷୟରେ ମତାମତ ଉପସ୍ଥାପନା କରିବା ସହ ସମାଜରେ ବରିଷ୍ଠ ନାଗରିକମାନଙ୍କ ଆବଶ୍ୟକତା ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୋଟ ୪୨ ଜଣ ସହପାଠୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନାଟୁ ଗୋପାଳ, ରବି ସୁବୁଦ୍ଧି , ବାଲଗୋପାଳ ମିଶ୍ର , ତରଣୀ ଖାଡିଆ , ଜଗଦୀଶ ମିଶ୍ର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଓଡ଼ିଶାର ହକ୍‌କୁ କେନ୍ଦ୍ର ସରକାର ଛଡ଼େଇ ନେବା ପ୍ରତିବାଦରେ ଓଡ଼ିଶା ସ୍ୱାଭିମାନ ମଞ୍ଚର 'ଦିଲ୍ଲୀ ଚାଲ' ର ଡାକରା



ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଓଡ଼ିଶାର ହକକୁ କେନ୍ଦ୍ର ସରକାର ଛଡ଼େଇ ନେବା ପ୍ରତିବାଦରେ ଓଡ଼ିଶାରୁ ଶତାଧିକ ସ୍ୱାଭିମାନୀ ଓଡ଼ିଆ ଦିଲ୍ଲୀ ଯିବା ପାଇଁ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ମୂଳଦୁଆ ପଡ଼ିଛି। ଶନିବାର ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ କର୍ମଶାଳାରେ ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ ପୂର୍ବତନ ଅର୍ଥ ମନ୍ତ୍ରୀ ତଥା କଂଗ୍ରେସ ନେତା ପଞ୍ଚାନନ କାନୁନଗୋ, ଇଂ ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ। ନିକଟରେ ସଂସଦରେ ଯେଉଁ ଗଗଉଜ ଇମ୍ପାକ୍ଟ ରେ ସଂଶୋଧନ ହୋଇଛି, ତାହା ରାଜ୍ୟ ସ୍ୱାର୍ଥ ବିରୋଧୀ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଛି। ଆଗକୁ ଓଡ଼ିଆଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଓ ରାଜ୍ୟର ହକକୁ ସାବ୍ୟସ୍ତ କରିବା ପାଇଁ ରାଜ୍ୟରୁ ଶତାଧିକ ଓଡ଼ିଆ ଦିଲ୍ଲୀ ଯିବେ। ଏନେଇ ରାଜ୍ୟର ୧୫ଟି ଜିଲ୍ଲାରେ ଜନ ଜାଗରଣ ସମାବେଶ ଆୟୋଜନ କରାଯିବ ବୋଲି ମଞ୍ଚର ମୁଖପାତ୍ର ପ୍ରମୋଦ ସାମନ୍ତରାୟ ସ୍ପଷ୍ଟ କରିଛନ୍ତି। ଏଥିସହ ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ସାମିଲ କରିବା ପାଇଁ କେନ୍ଦ୍ରୀୟ ସଂଯୋଜକ ଦିଲ୍ଲୀପ ମିଶ୍ରଙ୍କ ନେତୃତ୍ୱରେ ହାଇଦ୍ରାବାଦ, ବେଙ୍ଗଲୁରୁ, ଚେନ୍ନାଇ, ମୁମ୍ବାଇ, ସୁରଟ ଓ ଦିଲ୍ଲୀ ଭଳି ବିଭିନ୍ନ ସ୍ଥାନରେ ଜନ ଜାଗରଣ ସମାବେଶ କରାଯିବ ବୋଲି ଆବାହକ ସୁଧାଂଶୁ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ସହ ଯୋଗାଯୋଗ କରି ଆସନ୍ତା କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମ ଶେଷରେ ମଞ୍ଚର ଗଣମାଧ୍ୟମ ଉପଦେଷ୍ଟା ହୃଷିକେଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଛନ୍ତି।

ସୁନ୍ଦରବନର ସାମଗ୍ରିକ ବିକାଶ ଏବଂ ଗଙ୍ଗାସାଗର ମେଳାକୁ ଅନ୍ତର୍ଜାତୀୟ ପରିଚୟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ନୂଆଦିଲ୍ଲୀ,୨୩/୧୦ : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସୁନ୍ଦରବନର ସାମଗ୍ରିକ ବିକାଶ ଏବଂ ଗଙ୍ଗାସାଗର ମେଳାକୁ ଅନ୍ତର୍ଜାତୀୟ ସ୍ତରରେ ବିକଶିତ କରିବା ନେଇ ଘୋଷଣା କରିଛନ୍ତି। ଏଥିସହ କାକଦ୍ୱୀପକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ଗଠନ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

ଶନିବାର କାକଦ୍ୱୀପରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ସେ ସୁନ୍ଦରବନର ବିକାଶ ପାଇଁ ଅନେକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ମୁଡ଼ିଗଙ୍ଗା ନଦୀ ଉପରେ ନିର୍ମାଣାଧୀନ ସେତୁର କାମ ଶେଷ କରି ୨୦୨୯ରେ ଏହାକୁ ଉଦ୍ଘାଟନ କରିବାର ଲକ୍ଷ୍ୟ ରଖାଯାଇଥିବା ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କ ସରକାର ସୁନ୍ଦରବନକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଚାହୁଁଛନ୍ତି। ସୁନ୍ଦରବନ ବିକାଶ ବିଭାଗର ସେବାକୁ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇବା ସହ ଆଗାମୀ କିଛି ମାସ ମଧ୍ୟରେ ବ୍ୟାପକ ବିକାଶମୂଳକ କାର୍ଯ୍ୟ କରାଯିବ। ପୂର୍ବ ସରକାର ବିକାଶ ପାଇଁ ଆବଣ୍ଟିତ ଅର୍ଥର ଉପଯୁକ୍ତ ବିନିଯୋଗ କରିନଥିବା ଏବଂ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସେ ଅଭିଯୋଗ କରିଥିଲେ। ସୁନ୍ଦରବନରେ ଯୋଗାଯୋଗ ବ୍ୟବସ୍ଥା ଓ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳ ନିଷ୍କାସନ ବ୍ୟବସ୍ଥାକୁ ଉନ୍ନତ କରାଯିବ। ଏଥିସହ କଲଭର୍ଟ ଏବଂ ଯାତାୟାତ ସୁବିଧା ।ଇଁ ପଣ୍ଟୁନ୍ ଜେଟି ନିର୍ମାଣ କରାଯିବ। ପର୍ଯ୍ୟଟନ ଓ କୃଷି କ୍ଷେତ୍ରର ବିକାଶ ପାଇଁ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି।

ମୁଡ଼ିଗଙ୍ଗା ନଦୀ ଉପରେ ନିର୍ମାଣାଧୀନ ସେତୁ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୯ରେ ଏହି ସେତୁର ଉଦ୍ଘାଟନ କରାଯିବ। ପୂର୍ବ ସରକାର ସେତୁ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଜମି ଅଧିଗ୍ରହଣ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତି ଭଳି ଆବଶ୍ୟକ କାର୍ଯ୍ୟ କରିନଥିବା ସେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୪ ଲକ୍ଷ ୮୧ ହଜାର ୨୪୨ଟି ନୂଆ ଘର ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଆବାସ ଯୋଜନାରେ କଥିତ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରି ସେ କହିଥିଲେ ଯେ, ପୂର୍ବରୁ ଗୋଶାଳାକୁ ଘର ବୋଲି ଦର୍ଶାଇ ମଧ୍ୟ ଘର ନିର୍ମାଣ ପାଇଁ ଅର୍ଥ ନିଆଯାଇଥିଲା। ସ୍ୱାସ୍ଥ୍ୟସେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅଞ୍ଚଳବାସୀଙ୍କୁ ଆୟୁଷ୍ମାନ ଭାରତ ଓ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନାର ପରିସରଭୁକ୍ତ କରିବା ବିଷୟରେ କହିଥିଲେ। କାକଦ୍ୱୀପର ଶରଣାର୍ଥୀ ପରିବାରଗୁଡ଼ିକୁ ଖୁବ୍‌ଶୀଘ୍ର ନାଗରିକତା ସଂଶୋଧନ ଆଇନ (ସିଏଏ) ଅଧୀନରେ ପ୍ରମାଣପତ୍ର ଯୋଗାଇଦେବା ପାଇଁ ମହକୁମା ଶାସକଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। ନିଶାଦ୍ରବ୍ୟ ଚୋରାଚାଲାଣ ଓ ବେଆଇନ ବିକ୍ରି ରୋକିବା ପାଇଁ ସେ ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଝିଅମାନଙ୍କୁ ୧୮ ବର୍ଷ ବୟସ ପୂରଣ ହେବା ପୂର୍ବରୁ ବିବାହ ନକରିବାକୁ ସେ ଲୋକଙ୍କୁ ଅନୁରୋଧ କରିଥିଲେ। ଅମ୍ଫାନ୍ ବାତ୍ୟା ରିଲିଫ୍ ପାଣ୍ଠିରେ କଥିତ ଅନିୟମିତତା ଏବଂ ୨୦୨୧ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ସମ୍ପର୍କିତ ଅଭିଯୋଗ ଦାଖଲ କରିବାକୁ ସେ ଲୋକମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। କାକଦ୍ୱୀପର ସୂର୍ଯ୍ୟନଗରରେ ମା' କାଳୀଙ୍କ ମୂର୍ତ୍ତିକୁ ପ୍ରିଜନ୍ ଭ୍ୟାନ୍‌ରେ ନିଆଯିବା ଘଟଣା ଉପରେ ମଧ୍ୟ ସେ ନିଜର ମତ ରଖିଥିଲେ। ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ, ଆସନ୍ତା ଜାନୁଆରୀ ୧୦ ତାରିଖରେ ସେ ଗଙ୍ଗାସାଗର ମେଳାର ଉଦ୍ଘାଟନ ପାଇଁ ଆସିବେ। ମେଳାକୁ ଅନ୍ତର୍ଜାତୀୟ ସ୍ତରରେ ବିକଶିତ କରିବା ସହ ସୁନ୍ଦରବନକୁ ବିକାଶର ଏକ ଆଦର୍ଶ ମଡେଲ୍‌ରେ ପରିଣତ କରିବାକୁ ସେ ଆଶ୍ୱାସନା ଦେଇଥିଲେ। ଏଥିସହ କାକଦ୍ୱୀପକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ଗଠନ କରିବା ଯୋଜନା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ।



ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ

୪୮ ବୁଦ୍ଧଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଥିବା ସୁନ୍ଦରୀ

ବୁଦ୍ଧଙ୍କ ଉପଦେଶ ପ୍ରଦାନର ବିଂଶତମ ବର୍ଷରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ପ୍ରଥମ ଘଟଣା ଥିଲା ଡକାୟତ ଅଙ୍ଗୁଳିମାଳର ଧର୍ମ ପରିବର୍ତ୍ତନ। ଅନ୍ୟ ଘଟଣାଟି ଶ୍ରାବସ୍ତିରେ ଘଟିଥିଲା, ଯେଉଁଠାରେ କିଛି ଈର୍ଷାଳୁ ତପସ୍ୱୀ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରିଥିଲେ।

ବୁଦ୍ଧ ଏବଂ ତାଙ୍କର ଶିଷ୍ୟମାନେ ଶ୍ରାବସ୍ତିର ପ୍ରସିଦ୍ଧ ଏବଂ ସମ୍ମାନିତ ଧାର୍ମିକ ଶିକ୍ଷକ ଥିଲେ। ସେଠାକାର ବହୁସଂଖ୍ୟକ ନାଗରିକ ନିୟମିତ ଭାବେ ସେମାନଙ୍କ ଉପଦେଶ ଶୁଣିବାକୁ ଏବଂ ସେମାନଙ୍କୁ ଦାନ କରିବାକୁ ଆସୁଥିଲେ।

ତଥାପି, ଶ୍ରାବସ୍ତିର ସମସ୍ତ ଲୋକ ବୁଦ୍ଧଙ୍କ ଅନୁଗାମୀ ନ ଥିଲେ। ଅନେକ ତପସ୍ୱୀ ଥିଲେ ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କର ଶିକ୍ଷା ଶ୍ରେଷ୍ଠ। ବୁଦ୍ଧ ଏବଂ ତାଙ୍କ ଶିଷ୍ୟମାନଙ୍କ ନିକଟକୁ ଅଧିକରୁ ଅଧିକ ଲୋକ ଦାନ, ବସ୍ତ୍ର ଓ ଔଷଧ ପ୍ରଦାନ କରିବାକୁ ଯାଉଥିବା ଦେଖି ସେମାନେ ବହୁତ ଈର୍ଷାପରାୟଣ ହୋଇଥିଲେ। ଈର୍ଷାଗ୍ରସ୍ତ ହୋଇ ସେମାନେ ଏହି ବିଷୟରେ ଯଥାଶିଘ୍ର କିଛି କରିବାକୁ ନିଷ୍ପତ୍ତି ନେଇଥିଲେ।

ଶ୍ରାବସ୍ତିରେ ସୁନ୍ଦରୀ ନାମକ ଜଣେ ମହିଳା ଭ୍ରମଣରତୀ ତପସ୍ୱୀ ଥିଲେ। ସେ କମ୍ ବୟସର ଥିଲେ, ମାତ୍ର ଦୁଷ୍ଚରିତ୍ର ଥିଲେ। ତପସ୍ୱୀମାନେ ଏହି ତପସ୍ୱିନୀଙ୍କ ମାଧ୍ୟମରେ ବୁଦ୍ଧ ଏବଂ ଭିକ୍ଷୁମାନଙ୍କ ଚରିତ୍ର ଓ ପ୍ରତିଷ୍ଠା ଉପରେ ଆକ୍ରମଣ



କରିବାକୁ ଯୋଜନା କରିଥିଲେ।

ସେମାନେ ସୁନ୍ଦରୀଙ୍କୁ କହିଲେ, "ଭଉଣୀ, ତୁମେ ବୁଦ୍ଧଙ୍କ ବିରୋଧରେ କିଛି କରିବା ଦିଗରେ ଆମକୁ ସହାୟତା କରିବା ଦରକାର। ସେ ଆମର ସମର୍ଥକମାନଙ୍କୁ ଆମଠାରୁ ଦୂରେଇ ନେଉଛନ୍ତି।"

"ମୁଁ ତୁମ ପାଇଁ କ'ଣ କରିପାରିବି ?" ସୁନ୍ଦରୀ ପଚାରିଲେ।

"ଜେତବନକୁ ନିୟମିତ ଭାବରେ ତୁମେ ପରିଦର୍ଶନ କରି ଆମକୁ ସାହାଯ୍ୟ କରିପାରିବ ଏବଂ ବୁଦ୍ଧଙ୍କ ବିଷୟରେ ଯଥାସମ୍ଭବ ଜାଣିପାରିବ। ଏହି ସୂଚନା ଆଧାରରେ ଆମେ ଲୋକମାନଙ୍କୁ ଆମକୁ ସମର୍ଥନ କରିବା ପାଇଁ ଫେରାଇ ଆଣିବାକୁ ପ୍ରୟାସ କରିପାରିବା।"

ତେଣୁ ସୁନ୍ଦରୀ ବୁଦ୍ଧଙ୍କ ସମ୍ବନ୍ଧରେ ଗୁପ୍ତଚରୀ କରିବା ପାଇଁ ନିୟମିତ ଭାବରେ ଜେତବନକୁ ଯାଉଥିଲା। ସେ ଜାଣିନଥିଲା ଯେ ତପସ୍ୱୀମାନେ ତାକୁ ସେଠାକୁ କାହିଁକି ପଠାଇଥିଲେ ଏବଂ ସେମାନଙ୍କର ପ୍ରକୃତରେ ଏକ ମନ୍ଦ ଉଦ୍ଦେଶ୍ୟ ଥିଲା ବୋଲି। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୭୩୭୧୯୬୮

ମିନିଗଳ୍ପ-୨୭



ମାମଲା (ର)

ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ

ଗୋସେଇଁ ଭାରି ହିସାବୀ। ପୁଣି ଭାରି ଖିଆଲି। ଛଦାମେ ଦେବେନି। ପୁଣି ସକଳ ଅଜାଡି ଦେବେ। ପୁଅ ବାହା ପାଇଁ ବସିଥେଲେ ଯଉତୁକର ପାହାଡ଼ରେ। କଣ ହେଲା କେଜାଣି ସେବା ଭକ୍ତିରେ ତରଳି ଯାଇ ଖସି ପଡିଲେ ପାତାଳକୁ। ଝିଅମାନଙ୍କ ସଂସାରରେ ପୁଅ ମାତ୍ର ଗୋଟିଏ। ବୃତ୍ତି ଅଳପ ବେତନର ତଳ ଇସ୍କୁଲ ମାଷ୍ଟର। ମାପଚୁପରେ ନଚଳିଲେ ପଡିଶାଘର ମାଷ୍ଟର ଭାଇ ପରି ଦୋକାନ ବାକି ଗଡୁଥିବା ଘର ମାଙ୍କଡଚିତ ମାରୁଥବ। ପାଞ୍ଚଝିଅ ତଳେ ଅଇଲା ପୁଅଟେ। ଗୋଟେ ଆଖି ଆଖି ନୁହେଁ। ଏଣୁ, ଆଉ ଜଣେ ବାଳକକୁ ଅନେଇ ବାଳିକାଟେ ହିଁ ହେଲା। ସେ ଝିଅ କିନ୍ତୁ ଜନମରୁ ନଡନଡିଆ। ଦେହଟା ସରୁ ଧଡଧଡ। ମଥାରେ ମଥାଏ ବୁଦ୍ଧି। ଭୁଲ ଭଟକା ପାଖ ମାଡେନା। ନବାବକୁ ଜବାବ ଦିଏ ଅକଥାରେ। ତୁଣ୍ଡ ଭାରି ଶାଣ। ପେଟରେ ମମତା ମହଣ ମହଣ।

ଏ ଝିଅଟି ତା ମାଆକୁ ଷୋଳପଣ କାମରେ ସଙ୍ଗତି କରେ। ଗୋରୁଗାଈ କାମଠୁ ସଞ୍ଜ ଦବା, ଲିପାପୋଛା ଯାଏ ସବୁଥିରେ ମାଆ ସହିତ ଜଣେପଣେ ହୋଇ ହାତ ଲଗାଏ। ଭଲ ପାଠ ପଢେ। ଭଲ ଅଭିନୟ କରେ। ଭଲ ଗୀତ ଗାଏ। ସବୁ ଭଲର ସମାହାର ଭିତରେ ନିଖଳପଣର ରୁକ୍ଷତା ତା ଚରିତ୍ରର ଏକ ନୂଆ ବିଶେଷଣ ପାଲଟିଯାଏ।

ଗୋସେଇଁ ପିଲାଏ ବଡ଼ପାଟି କଲେ ତାଗିଦା କରନ୍ତି। ଠୋ ଠୋ ହସିଲେ ଗାଳି କରନ୍ତି। ଆଚରଣ, ଉଚ୍ଚାରଣ ସବୁଥିରେ କଠୋର ଅନୁଶାସନ। ଏକଥା ପିଲାମଥାକୁ ସୁହାଏନା। ଏଣୁ, ଝିଅ ସହ ବାକ୍‌ବିତଣ୍ଡା ହୁଏ। ପଦକୁ ପଦ। ଝାଞ୍ଜକୁ ମୃଦଙ୍ଗ। ମାଆ ଏକବାର ଚୁଉପ।

ଝିଅ ଦାଣ୍ଡରେ ଚିଲେଇକି ଗୀତ ଗାଏ ହାରମୋନିୟମ ବଜେଇ। ଗୋସେଇଁ ଗୋଖର ସାପ ପରି ଚିହିଁକି ଉଠନ୍ତି। ପାଠ ପଢ। କାମ କର। କଥାରେ ଅଛି: ସଲଜ ବାଏ। ନିଲଜ ଗାଏ। ଅତି ବେହିଆ ଯେ ନାଚିଆ ଯାଏ।

ଏସବୁ ଗାର୍ନ୍ଧବ କଳା। ଏଥିରେ ନାନାଦି କଳଙ୍କ, ଯାବିଛ ବ୍ୟଭିଚାର। ଝିଅ ନାକ ସକାଏ। ମନ ମାରି ରହେ। ଲୁଚି ଲୁଚି ଗୀତ ଶିଖେ।

ଯୁକ୍ତଦୁଇ ସଇଲା ଝିଅର। ଯୁକ୍ତତିନି ନାମ ଲେଖେଇବାକୁ ଗୋସେଇଁ ଜଣେ ଆତ୍ମୀୟଙ୍କ ହାତରେ ଫରମ ପଠେଇଲେ। ଆତ୍ମୀୟ ଫରମ ପକଉ ପକଉ ଶେଷ ତାରିଖ ଗଲାଣି। ଝିଅର କାନମୁଣ୍ଡା ଝାଁ ଝାଁ ବାଜିଲା। ବରଷଟେ ବେକାର। ମୁହଁ ଶୁଖେଇ ବସିଲା ଝିଅ। ଖିଆ ନାହିଁ, ପିଆ ନାହିଁ। ସବୁବେଳେ ଖିଲିଖିଲଉ ଥିବା ଛୁଆଟା ଏକବାର ଗୁମସୁମ ହେଇଗଲା। ଗୋସେଇଁ ଅନୁଭବିଲେ ଏକଥା। ଗୋସାମଣୀକୁ ପଚାରିଲେ ଝିଅ କାଇଁକି ଏମିତି ବଦଳି ଗଲା। ଗୋସାମଣୀ କହିଲେ ବାପ ହେଇଚ ମନକଥା ବୁଝ। ଆଉ ବା ମୋର ଚାରା କଣ ଅଛି। ଗୋସେଇଁ ଖାଲିପାଦରେ ଧାଇଁଲେ ଗଜରାଜପୁର। ତା ପରଦିନ ଦାଣ୍ଡରେ ବସିଗଲେ ଗୀତ ସାର। ଗୀତ ଶିଖା ହେଲା। ଝିଅ ଗୀତ ଆହୁରି ପାକଳ ହେଲା। ସେ ନିଜେ ହାରମୋନିୟମରେ ଟିପେଇଲା। ସୁର ଧଇଲା। ଡରିଲା। କାଳେ ଚିଲେଇଲେ ନନା ଚିଡିବେ।

ଝିଅ ଗୋଟିଏ ଚାକିରୀ କଲା। ପହିଲି ଦରମାରେ ଦିଅଁଙ୍କ ପାଇଁ କପଡାଟେ ଆଣିଲା। ଭାବିଲା ନନା କେତେବଡ଼ ପୂଜକ। ଦିଅଁଘର ତାଙ୍କ ନିଜ ଘରଠୁ ଅଧିକ। ଦେଖିଲେ ନିସ୍ତରି ଯିବେ। ଗାଁ ସାରା କହି ବୁଲିବେ ଝିଅର ଗୁଣଗ୍ରାମ। ସେମିତି କିଛି ହେଲାନି। ବରଂଚ ତୋଡଣ ମୋଡଣ ବର୍ଷି ଦେଇଗଲେ ଗୋସେଇଁ। କି ପଇସା ପାଉଚୁ ତୁ। କାଇଁ ଏତେ କମ ଦରମାରେ ମୂଳ ଲାଗୁଚୁ ? ଗୋସେଇଁ ଭାରି ବାସ୍ତବ ଥିଲେ। ଝିଅ କିନ୍ତୁ ଖୋଜୁଥିଲା ମମତାରୁ ମୁଠାଏ।

ଝିଅ ବିଦା ହେଲା। ଗୋସେଇଁ ସେଦିନ ଭୋ ଭୋ କାନ୍ଦୁଥାନ୍ତି। କହୁଥାନ୍ତି ମୋ ସହ ଲଗାଉ ପଛେ କଥାକୁ କଥା ଯୁକ୍ତି କରେ। ମୁଁ ତା ପାଖରେ ହାରିଯାଏ।

ଗୋସେଇଁ ତା ପରଦିନ ଆରାମ ଚଉକିରେ ଝୁଲୁଥାନ୍ତି ଦକ୍ଷିଣା ବରଣ୍ଡାରେ। ଆଖିରେ ଝଲସି ଯାଉଥାଏ କେଉଁ ସରସ୍ୱତୀଙ୍କର ବୀଣା ବାଦନ। କାନରେ ଶୁଭି ଯାଉଥାଏ ମେଲାଘରୁ ବାରଣ୍ଡାକୁ ଚହଟି ଆସୁଥିବା ପାଉଜିର ଝୁମୁଝୁମୁ। ପବନରେ ଭାସି ଆସୁଥାଏ ପୂର୍ବାଶାରୁ ଆଳାପ ଓ ସରଗମ।

ଗୋସେଇଁ ବ୍ୟତିବ୍ୟସ୍ତ ହୋଇଗଲେ। ପୁଅକୁ ଡାକିଲେ : ହଇରେ ଟୋକା। ତୁ ତୋ ସାନଭଉଣୀ ପରି ଆହେ ନୀଳ ଶଇଳ... ପ୍ରବଳ ମତ୍ତବାରଣ ଗାଇଲୁ ଦେଖି।

ଥରଟେ ବୋଲି ପାରିବୁ ବୈଦେହୀଶ ବିଳାସର ବିଭୂଷଣ ପୁଷ୍ପେ ଯା' କାନ୍ତି ଜାଣ ?

ସଂଜକୁ ଦିଅଁ ବାରଣ୍ଡାରେ ଗୋସେଇଁ ଦରାଣ୍ଡୁ ଥିଲେ: ଦିନମଣି ମଣ୍ଡଳ ମଣ୍ଡନ ଭବ ଖଣ୍ଡନ। ମୁନି ଜନ ମାନସ ହଁସ। ଜୟ ଜୟ ଦେବ ହରେ।

ଗୋସେଇଁ କଫ ଘଡଘଡ ହୋଇ ପଡିଥାନ୍ତି ବିଛଣାରେ। ପାଟିରେ ମଝିଆ ଜୁଆଁଇ ମାହାର୍ଦ୍ଦ ଜଳ ଦେଉଥାନ୍ତି। ବୋରାବୋରି ଅଜ୍ଞାନ ସେ ପିଣ୍ଡ।

ପୁଅ ଡରଡର ହୋଇ ସାନ ଭଉଣୀ ହାତରେ ଧରାଇ ଦେଲା ଭାଗବତ ଦଶମସ୍କନ୍ଧ।

ପରିବେଶ ଲୁହ ଜୁଡୁବୁଡୁ।

କହଇ ଦାସ ଜଗନ୍ନାଥ ଯାଏ ଧାଇଁ ପାରିଲାନି ଥରିଲା ଥରିଲା କଣ୍ଠ।

ଗୋସେଇଁଙ୍କ ପାଟି ବନ୍ଦ ହେବା ଆଗରୁ ପଦଟିଏ ତାଙ୍କ ପାଟିରୁ ବାହାରି ଥିଲା: ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

କବିତା...

॥ ଦେବୀ ॥

ସୈରିନ୍ଧ୍ରୀ ସାହୁ



ଏତେ ଏତେ କଚରା ଭିତରେ
କାହିଁକି ପାଦ ଥାପୁଚୁଲୋ ମା' !
କାହିଁକି ପଙ୍କ ଭିତରେ ଅଜାଡି ଦେଉଛୁ କହ
ପଦ୍ମର ପାଖୁଡା ?
ଦେଉଳର ବେଢାରେ ଯେ ସଜଡା ତୋ ପିଢା !

ତୁ ଆଡ ଦୃଷ୍ଟି କରିଦେଲେ
ଛପନ ପଉଟି ଭୋଗ
ଯାଇପାରେ ନିମିଷକେ ଉଡି
ତୁ ହାତ ଟେକିଦେଲେ ପରା
ଛୁଇଁଯାଏ ପ୍ରତି ପ୍ରାଣ
ସୀମାହୀନ ପ୍ରେମର ଲହଡି !

ପଣତ ମେଲେଇ ଦେଲେ
ଝରିଯାଇପାରେ ଗୋଟେ ମମତାର ନଈ
ନିଆଁ ନାହିଁ, ଧୂଆଁ ନାହିଁ
ଲାଳିତ୍ୟର ଲବଙ୍ଗ ଦେଶରେ
ତୁ ପରା ତଲ୍ଲୀନ ବାଟୋଇ !!

ଆ' ବୋଲି ଆବୋରି ନେଲେ ତୁ
ସ୍ନେହର ବଡଦାଣ୍ଡ ତ ତୋ କୋଳରେ ।

ତୁ ତ ଅବକ୍ଷୟୀ ଚଳନ୍ତିକାର ଚଳନ୍ତି ପ୍ରତିମା
ଅମୃତ ସକାଳର ବନ୍ଦନା ପାଇଁ
ଲେଖିପାରୁ ଆବାହନୀ
ଅନ୍ଧାରକୁ ଆଡେଇ ଦେଇପାରୁ

ବି ଯୋଡିପାରୁ ଇତିହାସରେ
ନୂଆ ଗୋଟେ ପୃଷ୍ଠା ।

ତୋ ପାପୁଲିରେ ଜଳ, ସ୍ଥଳ,
ଆକାଶ, ପବନ, ନିଆଁ ସବୁ ତ ଏକାଠି ।

ଚାହିଁଲେ ତୁ ସାଜି ପାରିବୁ
ଲକ୍ଷ୍ମୀ, ସରସ୍ୱତୀ, ସୀତା ନହେଲେ ସାବିତ୍ରୀ
ସଜାଡି ପାରିବୁ ଅସଜଡା ମାଟିର ମାନଚିତ୍ର
ଉଜାଡି ଦେଇ ପାରିବୁ
ପାତାଳଭେଦୀ ଅସତ୍ୟର ଚେର
ହଟେଇଦେଇ ପାରିବୁ
ଆଶାର ଆକାଶରୁ ଝଡର ଇଗଲ
ବି ଗୋଟେଇ ପାରିବୁ ଶାମୁକାରୁ ମୁକ୍ତା ।

ହେଲେ ମହୀଷାକୁ ବଧ କରିବା ପାଇଁ
କେତେ ଆଉ ଅର୍ପିଦେବୁ ନିଜର ନିଜତ୍ୱ
ଶେଷତମ ବସ୍ତ୍ର ଆଳରେ !

କେତେ ଆଉ କାଦୁଅ କଚରା ଭରା
ପାପର ପଙ୍କରେ
ଛାଡିବୁ ନିଜର ଲକ୍ଷ୍ମୀପାଦ !!

କାହିଁକି ବି ଟେକିଦେବୁ ହାତ ତୋର ବାରମ୍ବାର
ନିଜ ଆତ୍ମବିଶ୍ୱାସକୁ ପଛ କରି
ଆଉ କାହା ଭରସା ଆଳରେ ?
କାହିଁକି କିଏ ତୋର ଚିତ୍ର ଆଙ୍କିବ
ନିଅଣ୍ଟିଆ ପଣତ ଥିବା ଶାଢିରେ ?
ଆଶ୍ୱାସନା ଦେବା ନାଁ'ରେ
କାହିଁକି ଆଡେଇଦେବୁ କ୍ରାନ୍ତିର ଦୃଷ୍ଟି ତୁ
ତୋ ଚିତ୍ରପଟରୁ ?

କେତେ ସୁନ୍ଦର ଦିଶନ୍ତା କହ ତ
ମା' ଟିଏ ମାଟି ପରି ହେଲେ !
ପିନ୍ଧିଲେ ଭଲପାଇବା ରଂଗର ଶାଢି
ବାଣ୍ଟିଲେ ସ୍ନେହବୋଳା ଫୁଲର ବାସ୍ନା !

ଗଢିପାରିଲେ ସମଗ୍ର ସଂସାରର
ଜାତକ ତ ତୋ ହାତରେ ।

ଯୋଉଠି ପାଉଁଶ ଭିତରୁ ଦାଉଦାଉ
ଅଲିଭା ଅଂଗାର ପରି ନୂତନ ସଭ୍ୟତା
ଈର୍ଷା ଅସୂୟାର ହାହାକାର ଭିତରୁ
ସୁନା ପରି ଜକଜକ ନୂତନ କବିତା
ସେଠି, ତୁ ଚାହିଁଲେ ହିଁ ବିନ୍ଦୁଏ ଆଲୋକରେ
ଆଲୋକିତ କରିଦେଇ ପାରିବୁ ସମଗ୍ର ପୃଥିବୀ ।

ଦେ', ଆଡେଇ ଦେ' ସବୁ କାଦୁଅ
ଏଡେଇ ଯା ସବୁ କଚରା;
ଚିରାଲୁଗାରେ ହେଉପଛେ
ଘୋଡେଇ ଦେ' ତୋର ଦେହ
ଶାନ୍ତିର ଗଙ୍ଗାରେ ଲିଭେଇଦେ' ସବୁ ଦାହ
ଦେଖିବୁ ଜାତୀୟ ଗୀତର ବେଦ ପରି
ଶୁଭିବ ତୋର ସ୍ୱର;
ଅନ୍ଧାରର ଛାଇ ଭିତରେ ବି
ତୁ ଦିଶିବୁ ଦେବୀଟିଏ ପରି
ତୋ କାନି ଉଡୁଥିବ ଫରଫର
ସଗର୍ବରେ ଏ ଜାତିର ତ୍ରିରଙ୍ଗାଟେ ପରି !

♥♥

ପାଉଁଜିର ପାଣ୍ଡୁଲିପି-୩୮

ବିପିନ ମହାନ୍ତି

ନୀଳନୟନୀ



ନୀଳନୟନୀର ନୀଳ ପାଉଁଜିଟା ଦିନେ ନୀଳ ସଞ୍ଜବେଳେ
ଛିଡ଼ିଗଲା କାହିଁ ଡେବିରି ପାଦରୁ ନୀରବିତ କୋଳାହଳେ
ଏମିତି ସେମିତି ସେ' ପାଉଁଜି ନୁହଁ କିଛି ତ୍ ଖାସ୍ ଥିଲା
ବାହା ପାଉଁଜିଟା କିଏ କ'ଣ ତାକୁ କଦରେ ଚୋରେଇ ନେଲା।

ସାଧାରଣ ସେଇ ପାଉଁଜି ନୁହଁଇ ଅସାଧାରଣ ସେ' ପାଦ
କେମିତି ହଜିଲା କିଏ ନେଇଗଲା ଉଦ୍ଦେଶ୍ୟ କାହାର ମନ୍ଦ
ବାଡୁଅରୁ ବାହା ଦୁଇଟାର ମାଆ ସବୁ ସେ' ପାଉଁଜି ସାକ୍ଷୀ
ନୀରବ ରାତିର ଯେତେ କୋଳାହଳ ଗୋପନେ ଥିଲା ସେ' ଦେଖି।

ନୟନୀର ଆଖି ଛଳଛଳ ଦେଖି ପଟେ ପାଉଁଜିକୁ ଚାହିଁ
ଯାହାକୁ ଦେଖିଲା ତାକୁ ପଚାରିଲା ପାଉଁଜି ଦେଖିଛ କାହିଁ
ନିମିଷକେ ମଧ୍ୟେ ଗହଳ ଚହଳ ପାଉଁଜି କେଉଁଠି ଅଛି
ସାରା ଗହଳିଟା ପାଉଁଜି ଖୋଜୁଛି ନଦେଖି ନବୁଝି କିଛି।

ନୀଳ ଅନ୍ଧାରରେ ନୀଳ ପାଉଁଜିଟା ଖଣ୍ଡେଦୂର ଝଟକୁଛି
ହସିଲା ନୟନୀ ନୀଳଅଶ୍ରୁକୁ ନୀଳପଣତରେ ପୋଛି।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

॥ ଝାଳ ॥

ସିପୁନୁ ଜେନା



ଟୋପା ଟୋପା ଝାଳ ବୁନ୍ଦା
କେତେ ପରିଶ୍ରମର ମୋତି
କପାଳରୁ ଝରିପଡ଼େ
ଅନେକ ସାଇତା ସ୍ୱପ୍ନ ପାଇଁ
ଲେଖିବାକୁ ଜୀବନର ଗୀତି !

ଖରାଦିନ ତାତିରେ ପୋଡ଼ି ଯାଉଥିବା
ସବୁ ନୀରିହ ମୁହଁ ଢୋକେ ପାଣିରେ
ଅଳସ ଭାଙ୍ଗିବାକୁ ବେଳ ପାଏନି
ଯେତେ ବ୍ୟଥା ଝାଳ ହେଇ ବହିଯାଏ ।

ଚାଷୀର କପାଳରେ ଝଲସୁଥିବା ଝାଳ
ସୁନାର ଫସଲ ଅପେକ୍ଷାରେ
ଟୋପାଏ ଝାଳ ପଡ଼ିଲେ ମାଟିରେ
ମାଟିର ଶୋଷ ମେଣ୍ଟେ ,
ସବୁ କଷ୍ଟକୁ ଦୂରେଇ ଦିଏ
ମୁହଁରେ ହସ ଦେଖି ବିଲରେ

ଅନେକ ଆଶା ସଞ୍ଚରି ଯାଏ ।

ଝାଳ ବୋହି ପାଟିକୁ ଲୁଣି ଲାଗେ
ତଥାପି କେତେ ଝାଳରେ
ଓଦା ହୁଏ ଦେହ ପୋଷାକ
ଶୁଖିଯାଏ ପୁଣି ଓଦା ହୁଏ,
ପରିଶ୍ରମରେ ଅନେକ ଝାଳ ବୋହି
ବେଳେବେଳେ ସଫଳତାର ପାହାଚ ପାଖରେ
ଅସୁମାରି ଇଚ୍ଛାକୁ ପୂରଣ କରେ
ଝାଳ ବିନା କେବେ ସଫଳତା ନଥାଏ ।

ବାପାଙ୍କ ଦାୟିତ୍ୱର ଝାଳ
ମା'ର ଚୁଲି ଶାଳ କର୍ତ୍ତବ୍ୟର ଝାଳ
ବିଦ୍ୟାର୍ଥୀର ବହି ଖାତା
ସବୁ ଝାଳରେ ଲେଖା ଗୋଟେ
ସଂଘର୍ଷର ଗାଥା ।

ଯେଉଁ ଝାଳ ଗନ୍ଧରେ ନାକ ଟେକେ
ସେଇ ଝାଳରେ ଅନେକ କଥା
କିଛି ଝାଳ ମମତାର, କିଛି ଝାଳ ପ୍ରେମର
କିଛି ଝାଳ ଦାୟିତ୍ୱର, କିଛି ଝାଳ କର୍ତ୍ତବ୍ୟର
କିଛି ଝାଳ ସ୍ୱପ୍ନର, କିଛି ଝାଳ ସଫଳତାର
କିଛି ଝାଳ ଚପଳତାର !

ଯେଉଁ ଦେହରୁ ଝାଳ ବାହାରେନି
ସେ ଦେହ ମରି ଯାଇଥାଏ
ଗୋଟେ ଜନ୍ମ ପାଇଁ
ଯେଉଁ ଲୁଗାରେ ଝାଳର ଗନ୍ଧ ନାହିଁ
ସେଠି ସ୍ୱପ୍ନ ମରିଯାଏ
ଗୋଟେ ଶତାବ୍ଦୀ ପାଇଁ ।

ଝାଳରେ ଜୁଡୁବୁଡୁ ଦେହଟା
କାହା ପେଟ ପାଇଁ, କାହା ପାଠ ପାଇଁ
ଓଦା କରେ ପ୍ରତି କ୍ଷଣ ନିଜ ଗାମୁଛା,
ଏସି ଘରେ ବସି ବସି ବୁଝିହୁଏନି
ପେଟ ଭରିବାକୁ ଝାଳଗନ୍ଧ ବି
ଦେହକୁ ଅତର ଭଳି କରେ ବାସ୍ନାୟିତ !

♥ ଗ୍ରାମ- ତର୍କାବେଡ଼ା, ପୋ.ଅ- କଡ଼ଲା
ଭାୟା- ମେରାମଣ୍ଡଳୀ
ଜିଲ୍ଲା- ଢେଙ୍କାନାଳ - ୭୫୯୧୨୧
ମୋ- ୮୭୬୩୦୭୦୫୩୫

॥ ଚଷମା ତଳର ଲୁହ ॥

ବାବାଜୀ ଚରଣ ଜେନା



ଚଷମା ତଳର ଲୁହ କେହି କେବେ ଦେଖିଛକି
ଅକୁହା ସେ ଭାଷା ତାର କେହି କେବେ ପଢିଛକି
ଚଷମା ତଳର ଲୁହ...

ଲୁହ ଝରେ ଲୁହ ସୁଖେ ଓଠେ ଥାଏ ଚୂନା ହସ
ଚାଲୁଥାଏ ପାନ୍ଥ ଟିଏ ଶୁଣି କେତେ ପରିହାସ
କରୁଣ ରାଗିଣୀ ତାର କେହି କେବେ ଶୁଣିଛକି
ଚଷମା ତଳର ଲୁହ...

ଦୁନିଆରେ ଯିଏ ଯେତେ ବଦନାମ କରୁ ଥାଉ
ମିଛି ମିଛି ଭଲ ପାଉ ଅବା କିଏ ଭୁଲି ଯାଉ
ମନ କାଗଜରେ କେବେ ସେଇ ଚିତ୍ର ଆଙ୍କିଛକି
ଚଷମା ତଳର ଲୁହ...

ନିଜ ସ୍ୱପ୍ନ ଭାଙ୍ଗି ଯିଏ ଯୋଡି ଅଛି ଭଙ୍ଗା ଘର
ଧକ୍କା ଖାଇ ବଞ୍ଚିଛି ସେ ଆସୁ ଯେତେ ଦୁଃଖ ତାର
ସେଇ ଯାଯାବର ପାଇଁ କେବେ ଥରେ ଭାବିଛକି
ଚଷମା ତଳର ଲୁହ କେହି କେବେ ଦେଖିଛକି !

♥ ଅହଲ୍ୟା ନିବାସ ପୋପରଡା ନୂଆବଜାର କଟକ୪
୯୪୩୭୮୩୪୭୧୯

॥ ଆକାଶ ଓ ଫୁଲ ॥

ଶୁଭସ୍ମିତା ତ୍ରିପାଠୀ



ଅଚିହ୍ନା ଲାଗିପାରେ
ମୁକୁଳା ଡାଳର ପଳାଶ ଫୁଲ,
ତା' ଦେହସାରା
ଅତର୍କିତ ଖଇଫୁଟା ଖରାର ତାତି,
ଅପରିଚିତ ଲାଗିପାରେ ତା ରଙ୍ଗ,

ଆକାଶ ! ଜାଣ ?
ତମର ଅଚିହ୍ନା ବାରିବାର ଅବାସ୍ତା
କାଇଁ କେତେ ଯୁଗରୁ ପରିଚୟ ତାର !

ସେ ଡାଳର ଝରାପତ୍ର ନବ ?
ସେଇଠି ବିଛଣା ସଜେଇ ଥୋଇନେବ ତୁମ ମୁହଁ
ଜାଣେ, ତମେ ଶୋଇନଥିବ
ଅନେକ ରାତି,
କେଉଁ ମାନସୀ ତାରା ଛାତିରେ ମଥା ରଖି
ଯେହେତୁ ଆଲୁଅରେ ଜମା ବି

ମୁଦି ହୁଏନା ଆଖି

ମୋ କାହାଣୀର ସାରାଂଶରେ
ଏବେ କେବଳ ମୁଁ,
ମୁଁ ହିଁ ଫୁଟେ, ହସେ, ଲୋଟେ,
ସେତେବେଳକୁ ତମେ ନଥାଅ କେଉଁଠି ବି

ମୁଁ ବି
ଇଚ୍ଛାମୟୀର ରୂପ ହେଇ
ଜହ୍ନ ଜାଳେ, ତାରା ଗଣେ
ପାଖୁଡା ତଳେ ଚାପିଧରେ ମହୁମହୁ ଲୁହ

ଆକାଶ !
ତମେ ମହାଶୂନ୍ୟର ରେରେକାରେ
ସ୍ପର୍ଦ୍ଧିତ ଛାଇ ଆଲୁଅର ଛାତି,

ଆଉ ମୁଁ
ଟୋପେ ବତାସୀ ଅହଂକାରର ପାପୁଲିରେ
ଗୋଟେ ରକ୍ତରକ୍ତ ମୁହଁ !


♥ ବ୍ରହ୍ମପୁର, ଗଞ୍ଜାମ



ସାଧାରଣ ମଣିଷର କଥା ସାହିତ୍ୟରେ ସ୍ଥାନ ନପାଇଲେ ତାହା ସାଧାରଣ ମଣିଷ ପାଖରେ ପହଞ୍ଚିବ ନାହିଁ: ହେମନ୍ତ କୁମାର ରାଉତ

ହେମନ୍ତ କୁମାର ରାଉତ ସମକାଳୀନ ଓଡ଼ିଆ କାବ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ପ୍ରକୃତିର ନିଶ୍ୱାସକୁ ନିଜ ବିଶ୍ୱାସରେ ମିଶେଇ ସେ ତିଆରି କରିପାରନ୍ତି କବିତାର ଝୁଲଣା । ତାଙ୍କ କବିତା କେବଳ ମାତ୍ର ଛନ୍ଦ ଓ ଭାବର ଖେଳ ନୁହେଁ ବରଂ ପ୍ରକୃତି, ପ୍ରେମ, ବିଦ୍ରୋହ ଓ ପରିବେଶ ପରି ଶବ୍ଦମାନଙ୍କରେ ସେ କରିପାରନ୍ତି ନୂତନ ପ୍ରାଣ ସଂଚାର । କେବଳ ସାହିତ୍ୟ ପାଇଁ ନୁହେଁ ବରଂ ଉପକୂଳ ତଟବର୍ତ୍ତୀ ଅଂଚଳର ସୁରକ୍ଷା ପାଇଁ ଦୁଇଟି ହେନ୍ତାଳ ଜଂଗଲ ସୃଷ୍ଟି କରିବାରେ ସେ ନିର୍ବାହ କରିଛନ୍ତି ଅଗ୍ରଣୀ ଭୂମିକା । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ୧୯୭୧ ଅକ୍ଟୋବର ୨୯/୩୦ ତାରିଖରେ ଯେଉଁ ମହାପ୍ରଳୟ ପୂର୍ବ ଉପକୂଳରେ ସଂଘଟିତ ହୋଇଥିଲା । ୩୦ଫୁଟ ସମୁଦ୍ର ଢେଉ ସହିତ ଘୂର୍ଣ୍ଣିଝଡ଼ରେ ଦୁଇଲକ୍ଷ ଲୋକଙ୍କର ଜୀବନହାନୀ ହୋଇଥିଲା । ସେତେବେଳେ ମୋର ବୟସ ଥିଲା ୧୩ବର୍ଷ । ସେ ସମୟରେ ସେ ଦୃଶ୍ୟ ଦେଖି ଚାରି ପୃଷ୍ଠାର କବିତା ଲେଖିଥିଲି । ମୋ ବାପା ଜଣେ ସଂଗୀତଜ୍ଞ ଓ କବି ଥିବାରୁ ଆମ ଘରେ ସେ ସବୁର ଚର୍ଚ୍ଚା ଥିଲା । ସେଥିପାଇଁ ମୋର କବିତା ଲେଖିବା ସହଜ ଥିଲା । ସେ ସମୟର ସେ ଭୟଙ୍କର ଦୃଶ୍ୟ ଦେଖି ସ୍ୱତଃପ୍ରବୃତ୍ତ ଭାବେ ମୋ ହୃଦୟରେ କବିତା ଲେଖାର ଧାରା ସ୍ଫୁରଣ ହୋଇଥିଲା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ରୂପେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ଆଦ୍ୟ ପ୍ରେରଣାଦାତା ଥିଲେ, ତତ୍‌କାଳୀନ ସଂସ୍କୃତ ବିଦ୍ୟାପୀଠ ରାଜନଗରର ପଣ୍ଡିତ ମାୟାଧର ନନ୍ଦ । ଜଣେ ଅପ୍ରତିଦ୍ୱନ୍ଦୀ ମହାନ ଜ୍ଞାନୀ ଭାରତୀୟ ବେଦ ବେଦାନ୍ତ ଦର୍ଶନରେ ଥିଲା ତାଙ୍କର ଅଗାଧ ପାଣ୍ଡିତ୍ୟ । ବହୁ ନାଟକର ରଚୟିତା । ରୁଚିଯୁଗର ଶୈଳୀରେ ତାଙ୍କ ଲେଖା ଓ ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ମୋତେ ମୁଗ୍ଧ କରିଥିଲା ।

■ ଯେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରଦେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?

■■ ମୋର ମନେଅଛି ଯେତେବେଳେ ପ୍ରଚୁର ଶିଶୁ କବିତା ଲେଖୁଥିଲି ସେତେବେଳେ ମୋତେ ୧୮/୧୯ ବର୍ଷ ହୋଇଥିଲା । କବିତା ଲେଖୁଥିଲି ମୋ ବୋଉକୁ ଶୁଣଉଥିଲି । ମୋ ବୋଉକୁ ମୋ କବିତା ବହୁତ ଭଲ ଲାଗୁଥିଲା । ବେଳେବେଳେ ପାଠପଢ଼ା ଛାଡ଼ି କବିତା ଲେଖିବାକୁ ଲାଗି ପଡ଼ିଲି । ଯେଉଁଦିନ ମୋର ପ୍ରଥମ କବିତା ପ୍ରଜାତନ୍ତ୍ରର ମୀନାବଜାରରେ ବାହାରିଲା, ସେତେବେଳେ ମୋର ଆନନ୍ଦର ସୀମା ନଥିଲା । କବିତାକୁ ନେଇ ମୋ ବୋଉକୁ ଦେଖାଇବା ସଙ୍ଗେ ସଙ୍ଗେ ଅନ୍ୟ ସାଙ୍ଗସାଥୀଙ୍କୁ ମୋ କବିତା ପଢ଼ି ଶୁଣାଇଲି । ସେ ଦିନର ଅନୁଭୂତି ମୋ ପାଇଁ ଅବିସ୍ମରଣୀୟ । ତା' ପରେ ମୋ ଚାକିରି ଜୀବନରେ ମୁଁ ଜଣେ ସାଧାରଣ ଶିକ୍ଷକ । ମୋ ବୃତ୍ତି ମୋ ପାଇଁ ଅନ୍ତରାୟ ହେଲାନାହିଁ । ମୋତେ ଯଥେଷ୍ଟ ସମୟ ମିଳିଲା ଲେଖାଲେଖି କରିବାକୁ । କିନ୍ତୁ ମୋ ସ୍ତ୍ରୀ ଏହାକୁ ପସନ୍ଦ କରୁନଥିଲେ କି ବିରୋଧ ବି କରୁନଥିଲେ । ବାପାଙ୍କର ସଂଗୀତ ଉପରେ ନିଷ୍ଠା ଥିଲା, ଆମର ଦାରିଦ୍ର୍ୟ ଥିଲା ଆମ ପାଇଁ ଅଭିଶାପ । ତେଣୁ ସାହିତ୍ୟ ଅପେକ୍ଷା ବୃତ୍ତିକୁ ସେ ଗୁରୁତ୍ୱ ଦେଉଥିଲେ । ମୋ ପିଲାମାନେ ମୋତେ କେବେ ବିରୋଧ କରି ନାହାନ୍ତି ବରଂ ମୋର କବିତା ପାଇଁ ସେମାନେ ମୋତେ ଉତ୍ସାହିତ କରିଛନ୍ତି । ସହଯୋଗ ବି କରିଛନ୍ତି ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଆମର ସ୍ଥିତିଶୀଳତା ଠିକ୍ ଅଛି । ବାକି ରହିଲା ମୌଳିକ ବିଚାରକୁ ପରିଚାଳନା କରିବା ବି ଠିକ୍ ଅଛି, କିନ୍ତୁ ସାଧନା ନଥାଇ ଯେଉଁ ସାହିତ୍ୟ ସୃଷ୍ଟି କରୁଛେ ତାହା ପ୍ରକୃତ ସୃଜନା କାର୍ଯ୍ୟ ରହୁନି । ଆମେ ଆମର ପୂର୍ବଜମାନଙ୍କୁ ଲକ୍ଷ୍ୟ ନ କରି ଏଣୁ ତେଣୁ ଯାହା ମନକୁ ଆସିଲା ତାହା ଲେଖୁଛୁ । ଆମ ଲେଖାର କୌଣସି ସାଧାରଣ ମଣିଷର ଦୁଃଖ ଜୀବନର ଯନ୍ତ୍ରଣାକୁ ଅନୁଭବ କରି ପାରୁନୁ । ଗୋଟିଏ ସୁସ୍ଥ ସୁନ୍ଦର ସମାଜ ଗଢ଼ିବା ପାଇଁ; ତାହା ପୂର୍ବରୁ ନିଜକୁ ଜାଳିବାକୁ ପଡ଼ିବ । କେବଳ ଲୁହ ନୁହେଁ ହୃଦୟରୁ ରକ୍ତ ଝରିବ ସାଧାରଣ ମଣିଷ ଅଭାବ ଅସୁବିଧାକୁ ଜୀବନରେ ଅନୁଭବ କରିବ; ସାଧାରଣ ମଣିଷର କଥା ସାହିତ୍ୟରେ ସ୍ଥାନ ନ ପାଇଲେ ତାହା ସାଧାରଣ ମଣିଷ ପାଖରେ ପହଞ୍ଚିବ ନାହିଁ, ତା' ମଧ୍ୟରେ ଲୋକଙ୍କୁ ସାମିଲ କରିବାକୁ ପଡ଼ିବ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ କେବଳ ଯୁବ ପିଢ଼ି ନୁହଁନ୍ତି, କାହାରି ହାତରେ ପତ୍ରପତ୍ରିକା ଭଲ ବହି ଖଣ୍ଡେ କିଛି ନାହିଁ । ସମସ୍ତଙ୍କ ହାତରେ ମୋବାଇଲ । ଦିନ ଥିଲା ସାଧାରଣ ମଣିଷ ପାଖରେ ସାହିତ୍ୟ ଥିଲା । ଗାଁ ଗାଁରେ ପାଲା, ଦାସକାଠିଆ, ଓଡ଼ିଶୀ, ପୁରାଣ ପୋଥି । ସବୁ ମାଧ୍ୟମରେ ସଂଗୀତ ସହ କାବ୍ୟ ଚର୍ଚ୍ଚା ମଧ୍ୟ ହେଉଥିଲା । ମାତ୍ର ଏବେ ଲାଗୁଛି ପାଞ୍ଚଶହ ବର୍ଷର ସାହିତ୍ୟ ମାତ୍ର ପଚାଶ ବର୍ଷରେ ଶେଷ ହୋଇଯିବ । ଯେଉଁମାନେ ପତ୍ରିକା ସଂପାଦନ କରୁଛନ୍ତି ସେମାନେ ବହୁ କଷ୍ଟରେ ସେମାନଙ୍କ କର୍ତ୍ତବ୍ୟ ଜାରି ରଖିଛନ୍ତି । ଯେଉଁମାନେ ଚରମ ତ୍ୟାଗ କରି ଆମ ସାହିତ୍ୟକୁ ବଂଚେଇ ରଖିଥିଲେ ଆମେ ସେମାନଙ୍କୁ ଭୁଲି ଗଲେଣି । ତେଣୁ ସାମଗ୍ରୀକ ଭାବରେ ଆମକୁ ସଂଗ୍ରାମ କରିବାକୁ ପଡ଼ିବ । ସମସ୍ତଙ୍କ ଉଦ୍ୟମରେ ମାତୃଭାଷା ସଂକଟରୁ ମୁକ୍ତ ହେବ । ଆମେ ଯେଉଁଠି ଥିଲେ ବି ଯେଉଁଭାଷା ଆମର ପିଲାଦିନରୁ ମରିବା ଯାଏ ସାଥୀ, ଯେଉଁ ଭାଷା ଆମ ପାଖରେ ମା' ପରି ରହିଛି, ତାକୁ ପ୍ରାଣ ଦେଇ ଭଲ ପାଇବା ଓ ତାର ବିକାଶ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍ ।

■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଯାହା ହୃଦୟ ଭିତରେ ଅଙ୍କୁରି ଉଠି ପଲ୍ଲବିତ ହୁଏ, ମଣିଷର ସୁଖଦୁଃଖ ସହିତ ଜଡ଼ିତ ହୋଇଥାଏ ମଣିଷକୁ ଆତ୍ମିକ ଶାନ୍ତି ଦିଏ, ମଣିଷର ହୃଦୟ ପରିବର୍ତ୍ତନ କରାଏ, ତାହାହିଁ ଭଲ କବିତା । କ୍ୟୁବାର ମହାକବି ଯୋସେଫ ମାର୍ଟିଙ୍କର ବିପ୍ଳବୀ କବିତା ପଢ଼ି ପଢ଼ି ଫ୍ରିଡେଲ କାଷ୍ଟ୍ରୋ ନିଜେ ମହାବିପ୍ଳବୀ ପାଲଟିଥିଲେ । ପୃଥିବୀରେ ଗୋଟିଏ ନୂତନ ଅଧ୍ୟାୟ ସୃଷ୍ଟି କଲେ । କାଜି ନଜରୁଲ ଇସଲାମ ସବ୍ୟସାଚୀ ଭୀମଭୋଇ କଙ୍ଗୋର ମହାକବି ଲୁମୁମ୍ବାଙ୍କର କବିତା ମଣିଷର ହୃଦୟକୁ ଜୟ କରିଛି ଓ ଯୁଗ ଯୁଗ ଧରି ମଣିଷକୁ ଏକ ସୁନ୍ଦର ପୃଥିବୀ ଆଡ଼କୁ ନେଇ ଯାଇଛି ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ !


■■ ଗୋଟିଏ ଅଭିଶପ୍ତ ସମୟ ଆମ ସାହିତ୍ୟ ପାଇଁ ଆସିଛି । ପାଠକ କମିଗଲା ବେଳେ କବି ଓ ଲେଖକଙ୍କର ସଂଖ୍ୟା ବଢ଼ି ଚାଲିଛି ସାହିତ୍ୟର ଅନ୍ୟାନ୍ୟ ବିଭାଗ ପ୍ରତି ଆମେ ବୀତସ୍ପୃହ । ତଥାପି ଆମେ ଆଶାବାଦୀ । ଆମ ହୃଦୟରେ ଆମ ଭାଷା ଥିବାଯାଏ ତାହା କେବେ ମରିପାରିବ ନାହିଁ । ସମୟ ପରିବର୍ତ୍ତନଶୀଳ । ତରୁଣମାନେ ନିଶ୍ଚୟ ଫେରିବେ । ସେମାନେ ସାହିତ୍ୟ ମନସ୍କ ହେବେ ସବୁ ରାତିର ବିନାଶ ଅଛି । ପୂର୍ବ ଦିଗରେ ଅରୁଣବର୍ଣ୍ଣର ସୂର୍ଯ୍ୟ ଉଇଁବ । ପୁଣି ଓଡ଼ିଆ ଭାଷାର ସୁନ୍ଦର ଭବିଷ୍ୟତ ଆସିବ ଏ ବିଶ୍ୱାସ ଆମର ଅଛି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖରେ ପହଞ୍ଚିପାରିବ ।

■■ ପୁରସ୍କାର ଦ୍ୱାରା ନିଜ ସାଧନାରେ ବିଶ୍ୱାସ ଅଟୁଟ ରହେ ନିଜ ଭିତରେ ପ୍ରେରଣା ଜାଗି ଉଠେ । ସେଥିରେ ଆତ୍ମିକ ସ୍ୱୀକୃତି ମିଳେ । କେଉଁ ଭାବରେ ପ୍ରିୟାପ୍ରୀତି ତୋଷଣ ଉପାଧି ବ୍ୟାଧି । କେତେକ କବି ଲେଖକଙ୍କର ପୁରସ୍କାର ପାଇବାକୁ ପ୍ରାଣାନ୍ତକ କବି । ଏଭଳି ପାଇବା ଦ୍ୱାରା ପୁରସ୍କାରର ମାନ କମି ଯାଇଛି । ପ୍ରକୃତ ଲେଖକ କବିଙ୍କୁ ଅଣଦେଖା କରାଯାଉଛି । ତା' ସତ୍ତ୍ୱେ ପୁରସ୍କାର ନ ପାଇଥିବା କେତେକଙ୍କ ଲେଖାରେ ପାଠକ ବାନ୍ଧି ହୋଇ ରହିଛନ୍ତି । ଧରାଧରି ଦ୍ୱାରା ପୁରସ୍କାର ପାଇଥିବା ଲୋକ ପ୍ରତି ସେ ଆନ୍ତରିକ ଶ୍ରଦ୍ଧା ଆସୁନାହିଁ ପୁରସ୍କାରର ଅବସ୍ଥା ଏତେ ଦୟନୀୟ ପ୍ରକୃତ କବି ଲେଖକଙ୍କର ଆଉ ସ୍ପୃହା ନାହିଁ । ଶେଷରେ ସବୁ ମଣିଷଙ୍କ ପାଖରେ ସାହିତ୍ୟ ପହଞ୍ଚୁ ତରୁଣମାନେ ସାହିତ୍ୟ ମନସ୍କ ହୁଅନ୍ତୁ । ସାହିତ୍ୟ ପାଇଁ ଗୋଟିଏ ସୁନ୍ଦର ସମୟ ଆସୁ ସ୍ୱର୍ଗୀୟ ଆନନ୍ଦରେ ପୁରି ଉଠୁ ଆମର ଚିନ୍ତା ଓ ଚେତନା, ସାହିତ୍ୟ ଗୋଟିଏ ସୁନ୍ଦର ପୃଥିବୀ ସୃଷ୍ଟି କରୁ । ❤❤

■ ଅଳ୍ପରେ ହେମନ୍ତ କୁମାର ରାଉତ

ଜନ୍ମ- ୭ ଜୁଲାଇ ୧୯୫୭
ପି - ସ୍ୱର୍ଗତ ପୀତାମ୍ବର ରାଉତ
ମାତା - ସ୍ୱର୍ଗତ ଜଂଜାଳି ରାଉତ
ଜନ୍ମସ୍ଥାନ- ମଙ୍ଗରାଜପୁର, ରାଜନଗର କେନ୍ଦ୍ରାପଡା
ବର୍ତ୍ତମାନର ଠିକଣା- ବାର୍ହାପୁର, ରାଜନଗର, କେନ୍ଦ୍ରାପଡା
(ମୋ) ୬୩୭୧୬ ୭୨୧୪୮




ପ୍ରକାଶିତ ପୁସ୍ତକରୁ କେତୋଟି...





ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...





ବହି ଉନ୍ମୋଚନର ମଧୁମୟ ସ୍ମୃତି



ଜଳବାୟୁ ଉପରେ ହେଉଥିବା ସେମିନାରରେ ସେଣ୍ଟ୍ରାଲ ଇଉନିଭରସିଟିର ପ୍ରଫେସରଙ୍କ ଦ୍ୱାରା ସଂବର୍ଦ୍ଧିତ ହେଉଛନ୍ତି କବି...



ବାରବାଟୀ ଷ୍ଟାଡିୟମ୍‌ରେ ବିପ୍ଳବୀ କବିତା ପାଇଁ ଫ୍ରିଡେଲ କାଷ୍ଟ୍ରଙ୍କ ଜନ୍ମ ବାର୍ଷିକୀରେ କ୍ୟୁବାର ରାଷ୍ଟ୍ରଦୂତଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି କବି ହେମନ୍ତ କୁମାର ରାଉତ ।

ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୯
(ପୂର୍ବ ପ୍ରକାଶିତ ଉତ୍ତାରୁ)

କିନ୍ତୁ ସକାଳ ହେବା ପୂର୍ବରୁ ରିଚାର ପ୍ରସବ ବେଦନା ଆରମ୍ଭ ହୋଇ ଯାଇଥିଲା। ବୀରୁ ହସପିଟାଲ ନେଇଯାଇଥିଲା । ରିଚାର ଛଟପଟ ଅବସ୍ଥା ଦେଖି ବୀରୁର ହୋସ ଉଡ଼ିଗଲା । ପ୍ରସୂତି ଗୃହ ସାମ୍ନାରେ ବୀରୁ, ଟୁକଟୁକୀ, ବାସୁ ସମସ୍ତେ ବ୍ୟସ୍ତତା ଭିତରେ ଥିଲେ ଈଶ୍ୱରଙ୍କୁ ଡାକୁଥିଲେ। ବୀରୁ, ଯିଏ ବିଲକୁଲ ଈଶ୍ୱର ବିଶ୍ୱାସୀ ନୁହେଁ, ନାସ୍ତିକ, ସେ ବି ଈଶ୍ୱରଙ୍କୁ ମନେ ମନେ ପ୍ରାର୍ଥନା କରିବାକୁ ଲାଗିଲା ରିଚା ପାଇଁ । ପୃଥିବୀରେ କେହି ବି ନାସ୍ତିକ ନୁହଁନ୍ତି । ସେମାନେ ପରମ ଆସ୍ତିକ ବୋଲି କାହାକୁ ଜଣାଇ ନଥାନ୍ତି । ଗଭୀର ଦୁଃଖରେ ସେମାନେ ବି ଈଶ୍ୱରଙ୍କୁ ଭଜୁଥାନ୍ତି ଭିତରେ ଭିତରେ ।

କିଛି ସମୟ ପରେ ଡାକ୍ତର ବାହାରକୁ ଆସିଲେ । ଝିଅଟିଏ ହୋଇଛି । ମା', ଝିଅ ଦୁହେଁ ସୁସ୍ଥ ଅଛନ୍ତି । ରିଚାକୁ ପ୍ରସୂତି ଗୃହରୁ ରିଚାର କେବିନକୁ ନେଉଥିଲା, ବୀରୁ କୋଠରୀ ଭିତରକୁ ଦୌଡ଼ି କରିଗଲା । ଯେମିତି କି ଯୁଗେ ପରେ ରିଚାକୁ ଦେଖୁଛି । ଅତି ଉତ୍କଣ୍ଠିତ ହୋଇ ରିଚାର ହାତକୁ ଧରି ଚୁପଚାପ ବସି ରହିଲା । ଟୁକଟୁକୀ ସଦ୍ୟ ଜନ୍ମିତ ଛୁଆକୁ ଦେଖି କୌତୁହଳର ସହ ଖୁସି ହେଉଥିଲେ । ରିଚା କହିଲା, ବୀରୁ ମୋତେ ତ ଦେଖିଲ, ଆମ ଝିଅକୁ ଦେଖିବନି ?'

ବୀରୁ ସେଇଠି ଉଠି, ସେ ସଦ୍ୟ କୁନି ପ୍ରାଣଟିକୁ ଦେଖିଲା। ନୂଆ ଜୀବନ, ନୂଆ ପ୍ରାଣ, ନୂଆ ଜୀବନର ସ୍ପନ୍ଦନ । ପୁଲକ ଭରା ନୀରବତା ଥିଲା । ସହଜ ବାତାବରଣ ସହ ।

ଦ୍ୱିତୀୟ ଖଣ୍ଡ
॥ ତିତିକ୍ଷା ॥

ରିଚା ଜୀବନର ଗୋଟିଏ ଅଧ୍ୟାୟ ସମାପ୍ତ । କାଲିଠାରୁ ଏକ ନୂଆ ଜୀବନର ଆରମ୍ଭ । ରିଚା ଜୀବନରେ ପ୍ରଥମରୁ କଠିନ ପରିସ୍ଥିତି ଓ ସଂଘର୍ଷ ଥିଲା, କିନ୍ତୁ ବର୍ତ୍ତମାନ ଠାରୁ ସଂଘର୍ଷ ନୂଆ ରୂପରେ ଆରମ୍ଭ ହୋଇଯାଇଥିଲା । ପ୍ରଜ୍ଞା ତ ଜନ୍ମ ନେଇ ସାରିଥିଲା । କିନ୍ତୁ ତା' ଜନ୍ମ ପୂର୍ବରୁ ପ୍ରତି ମୁହୂର୍ତ୍ତର କଠିନ ପରିସ୍ଥିତି, ବିଭିନ୍ନ ସମସ୍ୟାର କଥା ରିଚାର ମନେ ପଡ଼ିଯାଉଥିଲା। ତାର ମନେ ପଡ଼ିଲା ଯେତେବେଳେ ସେ ଗର୍ଭବତୀ ବୋଲି ଜଣାପଡ଼ିଲା, ଏ ଭିନ୍ନ ବ୍ୟାକୁଳତା ସମସ୍ତଙ୍କ ମନକୁ ବ୍ୟାପ୍ତ କରିଯାଉଥିଲା । ଆବରସନ ହିଁ ସମସ୍ୟାର ସମାଧାନ ଥିଲା । ରିଚାର ବି ପ୍ରତିବାଦ ନଥିଲା। ନୀରବତା, ଏକ ନୀରବତା ସହ ସେ ସବୁ ଦେଖୁଥିଲା, ଏକ ତଟସ୍ଥ ଦର୍ଶକ ପରି । କିନ୍ତୁ ଯେତେବେଳେ ରାତି ହେଉଥିଲା, ତା' ନିଜ ଭିତରେ ଗୋଟିଏ କାନ୍ଦୁଥିବା ଛୁଆ ଦେଖାଯାଉଥିଲା । କିଏ ତାକୁ କାନ୍ଦି କାନ୍ଦି କହୁଥିଲା, 'ମା' ମୁଁ ତୁମରି ଗୋଟିଏ ଅଂଶ । କେବଳ ତୁମରି ଅଟେ । ଶେଷରେ ସେ ଗର୍ଭ ନଷ୍ଟ ନ କରିବା ପାଇଁ ନିର୍ଣ୍ଣୟ ନେଲା । ସେହି ରାତିରେ ସେ ଅନୁଭବ କଲା, ତା' ଗର୍ଭ ଭିତରେ ଛୁଆଟି ହସୁଛି । ହସିବା ସହ ଧନ୍ୟ ଧନ୍ୟ ଭାବଭରା ମୁଖାକୃତି କରୁଛି । ସେ ତା'ର ନିଜ ନିର୍ଣ୍ଣୟକୁ ବୀରୁ ଓ ଟୁକଟୁକୀକୁ ଜଣାଇ ଦେଉଥିଲା। ବୀରୁ କୌଣସି ସ୍ପଷ୍ଟିକରଣ ମାଗି ନଥିଲା । କେବଳ ଏକ ନୀରବ ସ୍ୱୀକାର ସହ ଗ୍ରହଣ କରିଥିଲା । କିନ୍ତୁ ଟୁକଟୁକୀ ଏ କଥା ଶୁଣିଲା ପରେ କହିଥିଲା, 'ଜୟ ମା କାଳୀ । ବର୍ତ୍ତମାନ ମୁଁ ଟିକେ ଆରାମରେ ଶୋଇ ପାରିବି।' ହାତଯୋଡ଼ି ମୁଣ୍ଡିଆ ମାରିଲା ।

ରିଚା ନିଷ୍ପତ୍ତି ନେଲା ପରେ ଲେଖନୀ ଧରିବା ଆରମ୍ଭ କରିଦେଲା । ନିଜକୁ ସଂପୂର୍ଣ୍ଣ ଲେଖନରେ ବ୍ୟସ୍ତ ରଖିଲା । ବ୍ୟସ୍ତତା ତାକୁ ସବୁବେଳେ ଚିନ୍ତାମୁକ୍ତ ରଖୁଥିଲା । ରିଚର ମନେ ପଡ଼ିଗଲା, ସେ ବୀରୁର ନୀରବ ସ୍ୱୀକୃତିକୁ ପ୍ରଣାମ କରି ଉଚ୍ଚାରଣ କଲା, 'ତୁମେ ମୋ ଜୀବନରେ ଦେବଦୂତ ହୋଇ ଆସିଛ । ସତ କହୁଛି ବୀରୁ ଜହ୍ନର ନିଜର କୌଣସି ଜ୍ୟୋତି ନାହିଁ, ସେ ସୂର୍ଯ୍ୟଙ୍କ ଉଜ୍ଜ୍ୱଳତା ନେଇ ଜ୍ୟୋସ୍ନା ପ୍ରକାଶ କରେ। ବୀରୁ ସତ କହୁଥିଲେ, ନାରୀ ଏବଂ ଅଗ୍ନି କେବେ ଅପବିତ୍ର ହୁଅନ୍ତି ନାହିଁ । ସେ ବୀରୁକୁ କେବେ ବି ସିଧା କିମ୍ବା ନିଃସ୍ୱାର୍ଥ ଚାହାଣୀରେ ଚାହେଁ ନାହିଁ । ସେ ବୀରୁକୁ ସବୁବେଳେ ସ୍ନେହଭରା ଚାହାଣୀରେ ଚାହିଁ କଥାବାର୍ତ୍ତା କରେ। ମନେ ମନେ ହସିଲା, ଯେତେବେଳେ ତାର ମନେ ପଡ଼ିଗଲା କେମିତି ସେ ତାର କୁନି ସଦ୍ୟ ଜନ୍ମିତ ଶିଶୁକୁ ପ୍ରସୂତିଗୃହରେ ଦେଖିଥିଲା । ତାକୁ ଛାତିରେ ଚାପିଧରି କହିଥିଲା, 'ମୋ ଶକ୍ତିରେ ଅଳଙ୍କୃତ ପ୍ରଜ୍ଞା ଅଟୁ ତୁ । ମୋରି ପ୍ରଜ୍ଞା' ଏବଂ ସେଇଠି ସେ ଝିଅର ନାମକରଣ କରି ଦେଇଥିଲା। ଯେତେବେଳେ ତାକୁ କୋଠରୀକୁ ଅଣାଗଲା, ତାର ମନେ ଅଛି କେମିତି ବୀରେଶ୍ୱର, ଟୁକଟୁକୀ, ବାସୁ ସମସ୍ତେ ଦୌଡ଼ି ଆସିଥିଲେ । ସମସ୍ତଙ୍କ ମୁହଁରୁ ରଙ୍ଗ ଉଡ଼ିଯାଇଥିଲା । ସେ ସ୍ପର୍ଶ, ଯେତେବେଳେ ବୀରୁ ଆସି ରିଚାର ମଥା ଉପରେ ହାତ ରଖିଥିଲା । ସ୍ନେହ, ଉଦାରତାରେ ଭରପୁର ହାତ । ସେ ସ୍ପର୍ଶରେ ତାର ପ୍ରାଣ ଜୀବନ୍ତ ହୋଇ ଉଠିଥିଲା । ସେହି ସ୍ପର୍ଶରେ କ୍ଲାନ୍ତି ଉଡ଼ି ଯାଇଥିଲା । ରିଚା ବୀରେଶ୍ୱରକୁ କହିଥିଲା 'ଆମ ଝିଅକୁ ଦେଖିବନି।'

ବୀରେଶ୍ୱରକୁ ସେ କୁନି ଝିଅ ପାଖକୁ ଯିବାର ଆତୁରତାକୁ ରିଚା ଭୁଲି ପାରିନି । ସେଦିନ ରିଚା ବୀରୁକୁ କହିଥିଲା, 'ବୀରୁ କୁନି ଝିଅର ଗାଲରେ ଏକ ଛୋଟ କଳାଦାଗ କଣ ? ଅସୁନ୍ଦର ଦିଶିବନି ତ ?' ବୀରୁ କହିଥିଲେ, 'ଆରେ ଏ ଦାଗ ଆମ କୁନି କଣ୍ଢେଇର ଶୋଭା ବଢ଼ାଇବ । ଇଏ ତ ସୁନ୍ଦରତାର ଖଣି। ଜାଣିଛ ରିଚା, ମୋତେ ଲାଗୁଛି ଏ କୁନିଝିଅ ଯେମିତି ମୋତେ ପଚାରୁଛି, ବାବା, ବାପା ହେବାର ସୁଖ କେମିତି ଲାଗୁଛି ?

ରିଚା ସେହି ସମୟରେ ବୀରେଶ୍ୱରକୁ ଅପଲକ ନୟନରେ କେବଳ ଚାହିଁ ରହିଲା । ସେତେବେଳେ ତାର ଗୋଟିଏ ଆଖିରେ ଲୁହ ଥିଲା ଓ ଅନ୍ୟ ଆଖିରେ ହସ ଥିଲା । ବୀରୁକୁ ଦେଖି ରିଚା ଭିତରେ ଏକ ଗଭୀର ଆଶ୍ୱାସନା ଓ ଗଭୀର ବିଶ୍ୱାସ ଥିଲା । ଅତୁଟ ବିଶ୍ୱାସ । ସବୁକିଛି ଏକ ସହଜ ସରଳ ସମୟ ସହ ସେ ସମୟଟି କଟିଯାଇଥିଲା ।

ବୀରୁ ଯେତେବେଳେ ତା' ପରେ ଆସିଥିଲେ। ଗୋଟେ ହାତରେ ତାଙ୍କର ଫଳର ବ୍ୟାଗ ଥିଲା, ଚେୟାର ଉପରେ ବସିଥିଲା । ତାକୁ ଦେଖି କହିଥିଲା 'ତୁମେ ସୁସ୍ଥ ଅଛ ଦେଖି ମନ ଆଶ୍ୱସ୍ତ ହେଲା । ରିଚା, କାଲି ଏଠିକୁ ଗୌରା ଆସିବାକୁ ଚାହୁଁଥିଲା, କିନ୍ତୁ କାହିଁକି ମୁଁ ଜାଣିନି । ହଁ ରିଚା ତୁମେ ତ ଝିଅର ନାଁ ପ୍ରଜ୍ଞା ରଖିଲ । ମୁଁ କିନ୍ତୁ ତାକୁ 'ପ୍ୟାଗି' ଡାକିବି । ମୁଁ ତା' ବାପା ହେବି ସେ ମୋ ଗେହ୍ଲି ଝିଅ ପ୍ୟାଗି ହେବ ।' ସେବେଠାରୁ ବୀରେଶ୍ୱର ପ୍ରଜ୍ଞାକୁ ପ୍ୟାଗି ବୋଲି ଡାକେ ।

ବୀରୁ ମୁହଁରୁ ତାର କ୍ଲାନ୍ତି ଜଣାପଡ଼ି ଯାଉଥିଲା। ରିଚା ନିଜ ହାତରେ ଫଳ କାଟି ବୀରେଶ୍ୱରକୁ ପରଷି ଥିଲା । ମା' ପରି ବୀରୁକୁ ଆଦେଶ ଦେଇ କହିଥିଲା, 'ଚୁପ୍‌ଚାପ ମା' କାଟି ଥିବା ସବୁ ଫଳକୁ ଖାଇବାକୁ ପଡ଼ିବ । ଭଲ ପିଲା ପରି ଖାଇଦିଅ ।' ବୀରୁ କହିଥିଲେ, 'ହଁ ମା'ଙ୍କ ଆଦେଶକୁ ତ ଅମାନ୍ୟ କରି ହେବନି । ତା ଭିତରେ ସେ ସାହସ ଅଛି ।' (କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

କୁଆଁର ପୁନେଇଁ ଜହ୍ନର ଓଢଣା ତଳେ ସେଦିନର ଓଡ଼ିଶା

ମିଲନ କୁମାର ମିଶ୍ର (ଭରଦ୍ୱାଜ)



ଜହ୍ନ ଆଜି ବି ସେତିକି ଶୁଭ୍ର; ବଦଳିଯାଇଛି କେବଳ ତାକୁ ଦେଖିବାର ଆମ ଆଖି ଓ ଅନୁଭବ କରିବାର ମନ । ଆକାଶରେ ଆଜି ବି ପୁନେଇଁ ଜହ୍ନ ଉଠେ, ତା'ର ରୂପା ଆଲୋକରେ ରାତି ଭିଜିଯାଏ । କିନ୍ତୁ ସେଇ ଆଲୋକ ମନରେ ଆଉ ସେଦିନର ମାୟା ଲଗାଇପାରେ ନାହିଁ । କାରଣ ହଜିଯାଇଛି ସେଇ କୁଆଁରୀ ବୟସ, ହଜିଯାଇଛି ମାଟିର ଅଗଣା, ହଜିଯାଇଛି ମାର ଆକଟ, ହଜିଯାଇଛି ଝିଅମାନଙ୍କ ସାମୂହିକ ଗୀତ, ଆଉ ହଜିଯାଇଛି ସେଇ ନିର୍ମଳ ସମୟ, ଯେଉଁ ସମୟରେ ପୁନେଇଁ ଜହ୍ନ ମଧ ଜୀବନର ଏକ ବଡ଼ ସ୍ୱପ୍ନ ଥିଲା ।

କୁଆଁର ପୁନେଇଁ କହିଲେ ମନେପଡ଼େ ଗାଁର ସେଇ ପୁରୁଣା ଦିନ । ଦିନସାରା ଘରକାମ, ସଞ୍ଜବେଳେ ତୁଳସୀ ଚଉଁରା ମୂଳରେ ଦୀପ, ଆଉ ରାତି ହେଲେ ଅଗଣାରେ ଝିଅମାନଙ୍କ କୋଳାହଳ । କାହା ହାତରେ ଥାଏ ଫୁଲ, କାହା କେଶରେ ଫୁଲ ବଉଳ ବେଣୀ, କାହା ମୁହଁରେ ଲାଜୁଆ ହସ । ଚାରିଆଡ଼େ ଥାଏ ମାଟିର ଗନ୍ଧ, ଧାନର ବାସ୍ନା ଓ ନୂଆ ବୟସର ସ୍ୱପ୍ନ । ଆକାଶରେ ଜହ୍ନ ଉଠିଲେ ଗାଁର ନିରବତାକୁ ଚିରି ଭାସିଆସୁଥିଲା ସେଇ ମନଭୁଲା ଗୀତ, "କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳ ବେଣୀ..." ସେ ଗୀତ କେବଳ ଗୀତ ନଥିଲା - ସେଥିରେ ଥିଲା ଗୋଟିଏ ପିଢ଼ିର ଜୀବନ । ଥିଲା ଝିଅମାନଙ୍କ ହସ, ଲାଜ, ଅଭିମାନ, ଆଶା ଓ ଅନେକ ଅକୁହା କଥା । ସେଇ ଗୀତ ଭିତରେ ହୁଏତ କେହି ନିଜର ଭବିଷ୍ୟତ ସ୍ୱାମୀର ମୁହଁ ଖୋଜୁଥିଲା, କେହି ସୁନ୍ଦର ସଂସାରର ସ୍ୱପ୍ନ ଦେଖୁଥିଲା, ଆଉ କେହି ମା'ବାପାଙ୍କ ଘର ଛାଡ଼ି ଦିନେ ଅଜଣା ଘରକୁ ଯିବାର ଭାବନାରେ ଚୁପ୍ ହୋଇଯାଉଥିଲା ।



କୁଆଁରୀ ଝିଅର ସେଇ ଦିନଗୁଡ଼ିକ କେତେ ଅଲଗା ଥିଲା ! ଆଜି ଭଳି ହାତରେ ମୋବାଇଲ ନଥିଲା, ସାମାଜିକ ଗଣମାଧ୍ୟମ ନଥିଲା, ହଜାର ହଜାର ଅଜଣା ମୁହଁ ସହିତ ଆଭାସୀ ସମ୍ପର୍କ ନଥିଲା । ଥିଲା କେବଳ ନିଜ ଗାଁ, ନିଜ ଲୋକ, ନିଜ ଅଗଣା ଓ ନିଜ ମନ । ଗୋଟିଏ ଚିଠି ପାଇଁ ଦିନ ଦିନ ଅପେକ୍ଷା ଥିଲା; କାହାରି ମୁହଁରେ ନିଜ ନାମ ଶୁଣିଲେ ମନ ଭିତରେ ଜହ୍ନ ଉଠୁଥିଲା । ଅଳ୍ପରେ ଖୁସି ହେବାର ଏକ ଅଦ୍ଭୁତ କ୍ଷମତା ଥିଲା ସେ ସମୟର ମଣିଷ ପାଖରେ । ମା'ର ପଣତ ଥିଲା ସେଇ ଜୀବନର ସବୁଠାରୁ ବଡ଼ ଆଶ୍ରୟ । ମା' ଦୂରରୁ ଝିଅର ହସ ଶୁଣି ମଧ ବୁଝିପାରୁଥିଲା ତା'ର ମନର କଥା । ରାତି ବଢ଼ିଗଲେ ମା'ର ଆକଟ ଶୁଭୁଥିଲା, "ବହୁତ ହେଲା, ଏଥର ଭିତରକୁ ଆସ ।" ସେ ଆକଟରେ ଥିଲା ଶାସନ ଅପେକ୍ଷା ମାୟା ଅଧିକ । ଆଜି ଅନେକ ଝିଅ ବଡ଼ ସହରର ଉଚ୍ଚ ଅଟ୍ଟାଳିକାରେ ରହୁଛନ୍ତି; କିନ୍ତୁ ସେଇ ମାୟାକୁ ଆଜି କେଉଁଠି ଖୋଜିବେ ?

ସମୟ ବଦଳିଛି । ଝିଅମାନଙ୍କ ଜୀବନ ମଧ ବଦଳିଛି । ଆଜି ସେମାନେ ଶିକ୍ଷିତ, ସ୍ୱାବଲମ୍ବୀ, ନିଜ ଜୀବନର ନିଷ୍ପତ୍ତି ନିଜେ ନେଉଛନ୍ତି । ଏହି ପରିବର୍ତ୍ତନ ନିଶ୍ଚୟ ସ୍ୱାଗତଯୋଗ୍ୟ । କିନ୍ତୁ ଏହି ପରିବର୍ତ୍ତନର ଦୌଡ଼ ଭିତରେ ଆମେ ଯାହା କିଛି ହରାଇଦେଲୁ, ତା'ର ମୂଲ୍ୟ କେବେ ହିସାବ କରିଛୁ କି ? ସତ କହିବାକୁ ଗଲେ ସେଇ ପରିବର୍ତ୍ତନର ଦୌଡ ଭିତରେ ହଜିଗଲା ଫୁଲ ବଉଳ ବେଣୀର ସାମୂହିକ ଗୀତ, ହଜିଗଲା କୁଆଁରୀ ଝିଅଙ୍କର କୋଳାହଳ, ହଜିଗଲା ପରସ୍ପରର ମନର ଭାଷା ପଢ଼ିବାର ଅଭ୍ୟାସ । ଏବେ ଉତ୍ସବ ଅଛି, କିନ୍ତୁ ଉତ୍ସବର ଆତ୍ମୀୟତା କମିଛି; ସମ୍ପର୍କ ଅଛି, କିନ୍ତୁ ସମୟ ନାହିଁ; କଥା ଅଛି, କିନ୍ତୁ ମନ ଖୋଲି କହିବାର ଅବକାଶ ନାହିଁ ।

ତେବେ ଏକଥା ବି ସତ୍ୟ ଯେ ପୁରୁଣା ଦିନକୁ ଫେରାଇ ଆଣିହେବ ନାହିଁ । ଯେଉଁ ଝିଅମାନେ ସେଦିନ ଫୁଲରେ ବେଣୀକୁ ସଜେଇ ପୁନେଇଁ ଜହ୍ନ ତଳେ ଗୀତ ଗାଉଥିଲେ, ସେମାନଙ୍କ ମଧ୍ୟରୁ କେହି ଆଜି ଜେଜେମା', କେହି ନାନୀ । କାହାର କେଶ ଧଳା ହୋଇଗଲାଣି, କାହାର ଆଖିର ଦୃଷ୍ଟି ଦୁର୍ବଳ । କିନ୍ତୁ ସ୍ମୃତିର ପ୍ରେକ୍ଷାପଟରେ ସେମାନେ ଆଜି ବି ସେଇ କୁଆଁରୀ ଝିଅ—ହାତରେ ଫୁଲ, କେଶରେ ବେଣୀ, ଆଖିରେ ସ୍ୱପ୍ନ ଓ ମୁହଁରେ ଲାଜୁଆ ହସ ।

ଏହା ହିଁ ସ୍ମୃତିର ଅଦ୍ଭୁତ ଶକ୍ତି । ସମୟ ଆମ ଦେହକୁ ବୃଦ୍ଧ କରିଦିଏ, କିନ୍ତୁ ସ୍ମୃତିରେ ଆମେ ସଦା ସତେଜ । ଗୋଟିଏ ପୁନେଇଁ ଜହ୍ନ ଦେଖିଲେ ହଠାତ୍ ଫେରିଆସେ ସେଇ ଅଗଣା, ସେଇ ମା', ସେଇ ଗୀତ, ସେଇ ହସ ଏବଂ ସେଇ ଅକୁହା ସ୍ୱପ୍ନ । ଆଜି ବି ପୁନେଇଁ ଜହ୍ନ ଆକାଶରେ ଉଠେ । କିନ୍ତୁ ତା' ତଳେ ସେଇ ଅଗଣା ନାହିଁ, ସେଇ ସାମୂହିକ ଗୀତ ନାହିଁ, ମା'ର ସେଇ ଭଲପାଇବା ମିଶା ଆକଟ ନାହିଁ । ଅଛି କେବଳ ନିରବତା—ଆଉ ହୃଦୟ ଭିତରୁ ଉଠୁଥିବା ଗୋଟିଏ ଅସହାୟ ଦୀର୍ଘଶ୍ୱାସ ।

ତେଣୁ ଏହି ଶୁଭ୍ରତା ହରେଇଥିବା କୁଆଁର ପୁନେଇଁ ଜହ୍ନ ପ୍ରକୃତରେ ଜହ୍ନର କଥା ନୁହେଁ; ଏହା ଆମ ହଜିଯାଇଥିବା ନିର୍ମଳତାର କଥା । ଜହ୍ନ ଆଜି ବି ଶୁଭ୍ର—ଶୁଭ୍ରତା ହରାଇଛି ଆମ ସମୟ । ଗୀତ ହୁଏତ ଆଉ ଶୁଣାଯାଉନାହିଁ, କିନ୍ତୁ ତା'ର ସ୍ୱର ଏବେ ବି ଆମ ସ୍ମୃତିରେ ବଞ୍ଚିଛି । କେବେ କେବେ ରାତିର ନିରବତାରେ ଆକାଶକୁ ଚାହିଁଲେ ମନେହୁଏ, ସେଇ ପୁରୁଣା କୁଆଁରୀ ଜହ୍ନ ଆଜି ବି କୁଆଁରୀ ଝିଅମାନଙ୍କୁ ଖୋଜୁଛି । କିନ୍ତୁ ସମୟର ନଦୀ କେବେ ଉଜାଣି ବହେନାହିଁ । ପୁନେଇଁ ଜହ୍ନ ଆଜି ବି ଉଠୁଛି, ଅସ୍ତ ହେଉଛି; କେବଳ ତା' ତଳେ ଠିଆ ହୋଇଥିବା ଆମେ ଆଉ ସେଇ ମଣିଷ ହୋଇ ନାହୁଁ । ଆଉ ସେଇଥିପାଇଁ କୁଆଁର ପୁନେଇଁ ଜହ୍ନ ଆଜି ଆକାଶରେ ନୁହେଁ, ଆମ ଆଖିର ଲୁହରେ ଉଠେ; ଶୁଭ୍ରତା ହରାଇନାହିଁ ଜହ୍ନ, ହଜିଯାଇଛି କେବଳ ସେଇ ଦିନ... ଯେଉଁ ଦିନକୁ ଆମେ ଆଜି ବି ମନର ଗୋଟିଏ ନିର୍ଜନ କୋଣରେ ଲୁହରେ ଭିଜାଇ ରଖିଛୁ ।

♥ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭



ଛୋଟ ଗପ

ଅପେକ୍ଷା

ଶ୍ରୀନିବାସ ସେଠୀ





'ମୋ ସାଙ୍ଗ ଏଲିନାର ଜନ୍ମ ଦିନ କୋଡ଼ିଏ ତାରିଖ । ଅନେକ କରି କହିଛି ଯିବାପାଇଁ ତା ପାର୍ଟିକୁ ସେଦିନ ।' ମେଘା କହିଲା । ତା ସ୍ୱରରେ ଦୃଢ଼ତା, ଯେମିତି ନିହାତି ଯିବାକୁ ପଡିବ ।

- ରୋହିତର ପ୍ରମୋସନ ପାର୍ଟି ଏକୋଇଶ ତାରିଖ । ଚବିଶରେ ରୋଜିର ବୟଫ୍ରେଣ୍ଡର ପରିଚୟ ପାର୍ଟି । ବିଜନର ପ୍ରପୋଜ ଡେ ପାର୍ଟି ଛବିଶରେ । ସଂପର୍କ ଭାଙ୍ଗେ ପୁଣି ସଂପର୍କ ଗଢେ। କିଛି ନା କିଛିର ପାର୍ଟି ରହିଥାଏ ବର୍ଷ ସାରା । ଏତେ ସବୁ ପାର୍ଟିରୁ ମୋତେ କ୍ଲାନ୍ତି ଆସିଗଲାଣି। ସମସ୍ତଙ୍କ ପାର୍ଟିରେ ତ ଯାଇ ହେବନି ।'

- ଏଲିନା ଅନ୍ୟ ସମସ୍ତଙ୍କ ପରି ନୁହେଁ । ଅଳ୍ପ କିଛି ସାଙ୍ଗଙ୍କୁ ନେଇ ଆମ ସମୟ ଭଲ ଲାଗେ, ସେମାନଙ୍କ ଭିତରୁ ଏଲିନା ଜଣେ ।

- 'ପଚିଶରେ ମୋର ତ ଜନ୍ମଦିନ ।' ମୁଁ କହିଲି।

- ହଁ, ମନେ ଅଛି ମୋର। ପାଞ୍ଚ ଦିନ ପରେ। ତେଣୁ ଆମେ ଗଲେ ସିନା ସେମାନେ ଆସିବେ ତୁମ ଜନ୍ମଦିନ ପାର୍ଟିରେ।

ମୁଁ କିଛି କହିବାକୁ ଯାଉଥିଲି, ବାହାରେ ମେଘାର ଅଫିସ ଗାଡି ଆସିବାର ଶବ୍ଦ ହେଲା । ସେ ତରତର ହୋଇ ଅଫିସ ବାହାରିଗଲା । ତାର କର୍ପୋରେଟ୍ ଚାକିରୀ । ନା ଯିବାର ଠିକ୍ ଥାଏ ନା ଫେରିବାର ଠିକ୍ ଥାଏ। ମୋର ସରକାରୀ ଚାକିରୀ। ପଛରେ ଅଫିସ ଯାଏ ପୁଣି ଆଗରୁ ଫେରି ଆସେ। ମୁଁ ଅଫିସ କ୍ଳାନ୍ତ ହୋଇ ଫେରିଲା ପରେ ମନ କହେ କେହି ଜଣେ ଗରମ ଗୋଟିଏ କପ୍ ଚାହା କରି ମୋ ହାତକୁ ବଢାଇ ଦିଅନ୍ତା ଅବା ପିଇବାକୁ। ମେଘା ନଥାଏ। ତେଣୁ ବହୁତ ସମୟ ନିଜେ ଚାହା କରି ପିଇଦିଏ । ରାତି ଖାଇବା କରିବାକୁ ରୋଷେଇଆ ଆସେ ଆଠଟାରେ। କେତେଥର କହିଲିଣି ମେଘାକୁ ଚାକିରି ଛାଡ଼ି ଦେବାକୁ। ବୁଝେଇ କହିଛି, 'ଖୁସିରେ ବଞ୍ଚିବାକୁ ହେଲେ ବହୁତ ପଇସା ଦରକାର ହୁଏନି। ନିଜ ପାଇଁ ସମୟ ଦରକାର ହୁଏ ଠିକ୍‌ରେ ବଞ୍ଚିବା ପାଇଁ ।'

ସେ ବିରକ୍ତ ହୋଇ କହେ, 'ସବୁବେଳେ ଝିଅଟିଏ କାହିଁକି ଚାକିରୀ ଛାଡ଼ି ଘର ସମ୍ଭାଳିବ ? ତୁମେ ଚାକିରୀ ଛାଡ଼ି ଘର ସମ୍ଭାଳ । ମୁଁ ଘରଖର୍ଚ୍ଚ ପଇସା ଦେବି । ମେଘା ଏଇ ସମାନତାର ଅଧିକାର କଥା କହି ବସିଲେ, ତା ଉପରେ ତ କିଛି ଯୁକ୍ତି ଥାଇ ନପାରେ ମୋର । ମୁଁ ଚୁପ୍ ରହେ। ଅବଶ୍ୟ ମେଘା ମୋ ଠାରୁ ଦୁଇଗୁଣା ଦରମା ଅଧିକ ପାଏ। ଘରର ପୁରା ଖର୍ଚ୍ଚ ଚଳେଇ ନେବାର କାପାସିଟି ରଖିଛି ସେ।

ଆଜି ଅଫିସରୁ ଫେରି ଅନୁଭବ କଲି ଖୁବ୍ କ୍ଲାନ୍ତ। ମନ ଠିକ୍ ନ ଥିଲେ କ୍ଳାନ୍ତିଟା ବେଶି ବେଶି ଲାଗେ। ସେଇମିତି କିଛି ହୋଇନି କିନ୍ତୁ ମନ ଠିକ୍ ଲାଗୁନି କାହିଁକି ମୁଁ ଜାଣେନି । ରାତି ଆଠଟା ହେଲାଣି । ମେଘା ଫେରିନି ।

ମୁଁ ଲୁଗାପଟା ସଜାଡ଼ିଲି । କାଲି ଫ୍ଲାଇଟ୍‌ରେ ବାଙ୍ଗାଲୋରରୁ ଭୁବନେଶ୍ୱର ଯିବି, ସେଇଠୁ ପୁଣି ଯିବି ବାଲେଶ୍ୱରର ଘରକୁ । ଜନ୍ମ ଦିନର ତାରିଖ ଗଣି ବାପା ମାଆ ଅପେକ୍ଷା କରିଥିବେ ।

ଠିକ୍ ଏଇ ସମୟରେ ମେଘା ଫେରିଲା । ଦେଖିଛି, ମେଘା ଯେତେ କାମ କଲେ ବି ମୋ ପରି କ୍ଲାନ୍ତ ହୁଏନି । ସବୁବେଳେ ସତେଜ ଥାଏ । ମୋତେ ଲୁଗାପଟା ସଜାଡ଼ିବାର ଦେଖି ଥରେ ଆଶ୍ଚର୍ଯ୍ୟ ହୋଇ ଅନାଇଲା। ତାପରେ ଠିକ୍ ବୁଝିଗଲା। କିଛି କହିଲାନି। ଲୁଗା ନ ବଦଳାଇ ଚୁପ୍‌ଚାପ୍ ରୋଷେଇ ଘରକୁ ଗଲା ଦୁଇ କପ୍ ଚାହା କରି ଗୋଟିଏ କପ୍ ଗରମ ଚାହା ମୋତେ ଧରାଇ ଅନ୍ୟଟି ନିଜ ହାତରେ ଧରିଲା। ପାଖରେ ବସିଲା ।

ମୁଁ ପୁରାପୁରି ଗରମ ଚାହା ପିଏ । ମୋ ଓଠରେ କପ୍‌ର ଗରମ ସ୍ପର୍ଶଟି ରହିବା ଦରକାର । ମେଘା କିନ୍ତୁ ଚାହାକୁ ଥଣ୍ଡା କରି ଧୀରେ ଧୀରେ ପିଏ।

ମେଘା ମୋ ପସନ୍ଦର ଚାହା ଖୁବ୍ ଭଲ କରେ। ତେଣୁ ତା ହାତରୁ କପେ ଚାହା ପାଇଁ ମୋର ଅପେକ୍ଷା ରହିଥାଏ । ମୁଁ ଚାହା କପ୍ ନେଇ ତା ଆଡକୁ ଚାହିଁ ହସିଲି।

ସେ କିନ୍ତୁ ହସିଲାନି ।

- ତୁମେ ଲିଭ୍ ଇନ୍ ରିଲେସନସିପ୍‌ରେ ରହିଲା ଭଳି ହଠାତ୍ କିଛି ନକହି ଲୁଗାପଟା ସଜାଡି ବେଳେ ବେଳେ ବାହାରିପଡ ଯେ ? ତୁମେ ଭୁଲି ଯାଇଛ ସମସ୍ତଙ୍କ ସାମନାରେ ବିବାହ ବେଦୀରେ ବସି ମୋତେ ବାହା ହୋଇଛ। ତୁମର ଯୁଆଡ଼େ ଯିବାକୁ ହେଲେ ଆଗରୁ କହିବାକୁ ତ ପଡ଼ିବ ମୋତେ।

ମୁଁ ହଠାତ୍ ଚମକି ପଡିଲି। ଚାହାର ଗରମ ଟେଙ୍କଟା ଠିକ୍ ଯାଗାରେ ଲାଗିଲା ଏବେ।

- ମୁଁ ତୁମକୁ କହିଲେ ତୁମେ କଣ ଶୁଣିବ ?

ସେ କିଛି ଉତ୍ତର ନ ଦେଇ ଉଠି ପଳାଇଗଲା। ରୋଷେଇ କରିବାକୁ ରୋଷେଇଆ ଆସି ଯାଇଥିଲା।

ସବୁଦିନ ପରି ରାତି ଦଶଟାରେ ଦୁଇ ଜଣ ଟେବୁଲ୍‌ରେ ପାଖାପାଖି ବସି ଖାଇଲୁ।

- ବାପା ମାଆଙ୍କୁ ପଇସା ତ ପଠାଇ ଦେଉଛ ପ୍ରତ୍ୟେକ ମାସ। ପୁଣି ଯିବାଟା ଦରକାର ପଡିଲା ଯେ ! ଦରକାର ପଡ଼ିଲେ ଆଉ କିଛି ଅଧିକ ପଇସା ପଠେଇ ଦିଅ।

- ବାପା ମାଆ ବେଶି ବୁଢ଼ା ହୋଇଗଲେ ପଇସା ବେଶି ଦରକାର ହୁଏନି। ଫୁର୍ତ୍ତି କରିବାକୁ ମନ ନଥାଏ, ଭଲ ମନ୍ଦ ଖାଇବାକୁ ଇଚ୍ଛା ନଥାଏ। କେବଳ ଔଷଧପତ୍ରରେ ଯାହା ଖର୍ଚ୍ଚ। ଅଳ୍ପ ପଇସାରେ ଚଳିଯାଏ । କିନ୍ତୁ ଆଉ ଗୋଟିଏ ନିହାତି ଦରକାର ହୁଏ। ଆଖି ଖୋଜି ବୁଲୁଥାଏ ପାଖରେ ନିଜ ପାଖର ଲୋକକୁ ଦେଖିବାକୁ।

ମେଘାର ଖାଇବା ସରିଥିଲା । ରାତିରେ ସେ ପକ୍ଷୀ ପରି ଖାଏ। ଖୁବ୍ ଅଳ୍ପ। ସେ ଖାଇ ସାରି ଉଠିଗଲା । ମୋର କଥା ସରିନି । ସେ ଶୁଣିଲାନି ଆଉ ଫ ବୋଧେ ସେ ବୁଝି ପାରିଛି ମୁଁ କଣ କହିବି ବୋଲି।

ରାତିରେ ମୁଁ ଚଞ୍ଚଳ ଶୋଇବାକୁ ଗଲି। ସେ ବସି ବସି ଲାପ୍‌ଟପ୍‌ରେ କିଛି କରୁଥିଲା । ବୋଧେ ଅଫିସ କାମ। ଏଇମିତି ଅନେକ ବାର କରେ ସିଏ। ମୁଁ ଶୋଇବାକୁ ଯାଇ ବି ଶୋଇନଥାଏ।

କେତେବେଳକେ ସେ ଆସିଲା।

- ତୁମେ ଶୋଇ ନାହଁ ଯେ? କଣ ଗାଁକୁ ଯିବା ଖୁସିରେ ନିଦ ହେଉନି ?

ମୁଁ ବୁଝି ପାରିଲି ଏ କଥାର ଉଦ୍ଦେଶ୍ୟ।

- ତୁମେ କଣ ଚାହଁନା ମୁଁ ବୁଢା ବାପା ମାଆଙ୍କୁ ଥରେ ଦେଖା କରିବାକୁ ଯାଏ ବୋଲି ?

- ମୋର ଚାହିଁବାରେ କଣ ଅଛି ? ମୁଁ ନ ଚାହିଁଲେ ବି ତୁମେ ଯିବ।

- ଏଲିନାକୁ ମୁଁ ଯିବା କଥା କହିଥିଲି । ଭାବୁଛି କଣ କହି ମନା କରିବି ? ଅପେକ୍ଷା ତ କରିବ ସେ ।

- ତୁମକୁ ଲାଗେ ସେଇମିତି। କେହି ଆଜିକାଲି ପ୍ରକୃତରେ ଅପେକ୍ଷା କରିବା ଶିଖି ନାହାନ୍ତି।

- ମୋର ବହୁତ ଭଲ ସାଙ୍ଗ, ଅପେକ୍ଷା ତ କରିବ ।

- ତୁମେ ତ ରହିବ, ଚାଲିଯିବ।

- ଅପେକ୍ଷା ତ ତମ ପାଇଁ ବିରହିବ।

- ବୁଝୁଛି ସେ ଅପେକ୍ଷା ମେଘା ! କେହି ଜଣେ ଅପେକ୍ଷା କରି ବସିଛି ମାସ ମାସ ଧରି ବର୍ଷ ଯାଏ ଲୁହ ଭରା ଆଖିରେ। ଭଲ କରି ଦେଖା ଯାଉ ନଥିବା ଆଖିରେ ଥରେ ଦେଖିବା ପାଇଁ । ମୋ ଜନ୍ମ ଦିନରେ ଅରୁଆ ଚାଉଳ ଭିଜେଇଥିବ ସେହି ଥର ଥର ହାତରେ ପିଠା କରିବା ପାଇଁ । କାଲି ପାଇଁ ଫୁଲଗଛର ଫୁଲ କଢ ଛାଡିଯାଇଥିବ, ଫୁଲ ଫୁଟିଲେ ବଡ଼ି ଭୋରରୁ ଉଠି ଡିସେମ୍ବର ମାସ ଥଣ୍ଡା ପାଣିରେ ଗୋଧୋଇ ମନ୍ଦିର ଯାଇ ମଙ୍ଗଳ ମନାସିବା ପାଇଁ । ମୁଁ ଯାଇପାରବିନି ଜାଣି ବି ବାରଂବାର ଚାଲି ଆସୁଥିବ ଘରର ଫାଟକ ପାଖକୁ ଶୂନ୍ୟ ରାସ୍ତାରେ ଖୋଜି ହେବା ପାଇଁ । ସେ ବ୍ୟାକୁଳତା ମୁଁ ବୁଝିପାରେ ମେଘା। ସେ ଅପେକ୍ଷା ଗୋଟିଏ ଗୋଟିଏ ଲମ୍ବା ନିଃଶ୍ୱାସ।

ମେଘା ଶୁଣି ଉଠି ଚାଲିଗଲା ଶୋଇବା ଜାଗାରୁ।

କେଉଁ ଉପାଦାନାରେ ଗଢା କେଜାଣି। ବେକାରରେ ସିନା ଏତେ କଥା କହୁଥିଲି ଆଖି ଛଳ ଛଳ କରି।

ମୁଁ ଶୋଇ ପଡ଼ିଲି। କେତେବେଳକେ ନିଦ ଆସିଯାଇଛି ଜାଣେନି।

ସକାଳେ ସାଧାରଣତଃ ମୁଁ ପ୍ରଥମେ ଉଠେ। ମେଘା ବିଳମ୍ବରେ ଉଠେ। ଆଜି କିନ୍ତୁ ଉଠି ଦେଖିଲି ମେଘା କେତେବେଳଠୁ ଉଠି ଗୋଧୋଇ ସାରିଛି।

ମୋ ହାତକୁ ଗରମ କପେ ଚାହା ବଢାଇ ଦେଇ କହିଲା,'ଶୀଘ୍ର ଗୋଧୋଇ ପ୍ରସ୍ତୁତ ହୋଇଯାଅ । ଫ୍ଲାଇଟ୍ ଏଗାରଟାରେ । ଦୁଇ ଘଣ୍ଟା ପୂର୍ବରୁ ଯିବାକୁ ପଡିବ ।'

- ତମେ କେତେବେଳେ ଉଠିଲ ? ରାତିରେ ଶୋଇନ ନା କଣ ?

- ଶୋଇବାକୁ ଦେଲ କୁଆଡେ । ଶୋଇବାକୁ ଯାଉଥିଲି କେତେ କଥା କହିଲ, ଲୁହ ଭରା ଆଖିରେ ଉଠି ଆସିଲି । ମନେ ପଡ଼ିଲା , ସତରେ ସେହି ଦୁଇ ହଳ ଆଖି କେମିତି ଚାହିଁ ବସିଥାନ୍ତି ଆମ ଯିବାକୁ । ଦେଖିଲା କ୍ଷଣି ହାଉହାଉ କରି କାନ୍ଦି ଉଠି ଜଡ଼ାଇ ଧରନ୍ତି ବୁକୁରେ। ଦେଖିଛି, ସେ ଆଖିର ଲୁହ ଆମକୁ ଦେଖି କେମିତି ଖୁସିରେ ମୁକ୍ତା ପାଲଟିଯାଏ ।

ଏ ସାଙ୍ଗ ସାଥି ମେଳ ରହିଥିବ। ଏଲିନାର ଅପେକ୍ଷା ସରିଯିବ କିନ୍ତୁ ପୁଣି ଆସିବ। କିନ୍ତୁ ସେ ଦୁଇ ହଳ ଆଖିର ଅପେକ୍ଷାରେ ବ୍ୟାକୁଳତା ପରି ଆଉ କାହା ଆଖିର ଅପେକ୍ଷାରେ ନଥିବ ।

ମୁଁ ଆଖି ପୋଛି କହିଲି, - ମୋ ଫ୍ଲାଇଟ କିନ୍ତୁ ଦୁଇଟାରେ ଅଛି ମେଘା ।

- ସତରେ ତୁମେ କେତେ ସ୍ୱାର୍ଥପର କହିଲ ? ମୋତେ ନ ପଚାରି ଏକୁଟିଆ ନିଜର ଟିକଟ କରିନେଇଥିଲ । ତମ ପକେଟ୍‌ରେ ଟିକଟ ଥିଲା। ମୁଁ ରାତିରେ ଉଠି ସେ ଟିକେଟ କ୍ୟାନ୍‌ସେଲ୍ କରି ଦୁଇଜଣଙ୍କ ପାଇଁ ଦିନ ଏଗାରଟା ବେଳେ କରିନେଇଛି । ଯାଅ, ଶୀଘ୍ର ରେଡ଼ି ହୋଇପଡ।

ମୁଁ ଗାଧୁଆ ଘରେ ପଶି ପାଣିର ଟେପ୍ ଖୋଲି ଭାବୁଥିଲି, ଏ ମେଘାକୁ ବୁଝି ହୁଏନି, କେବେ ଚମକିଲା ବିଜୁଳି ତ କେତେବେଳେ ଝର ଝର ବର୍ଷା !!

♥ ବସନ୍ତପୁର, ଗେଙ୍ଗୁଟି, ବାଲେଶ୍ୱର,
୭୫୬୦୫୬
ମୋ:୯୩୩୦୯୦୩୮୦୦

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୨୫ ଅକ୍ଟୋବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com


୬ ରବିବାର ଚିନ୍ତନ
ସାପ୍ତାହିକ କ୍ରୋଡ଼ପତ୍ର

ପାଣି ପ୍ରଣତି : ଗଣକବି ବୈଷ୍ଣବ ପାଣି



ଅଭୟ କୁମାର ଦାସ

ପାଞ୍ଚ ଦଶନ୍ଧି ଧରି ଓଡ଼ିଆ ଜାତିକୁ ଗୀତି ନାଟ୍ୟ ସଂସ୍କୃତି ସହ ସାମାଜିକ ଓ ଆତ୍ମିକ ସ୍ଥିତି ନିର୍ଣ୍ଣୟ କରିଥିବା ଅନନ୍ୟ ରୂପକାର ହେଉଛନ୍ତି ଗଣକବି ବୈଷ୍ଣବ ପାଣି । ପାରମ୍ପରିକ କଥାବସ୍ତୁର ନୂତନ ପରିବେଷଣ ସହ ପୁରାଣ ପ୍ରଭାମଣ୍ଡିତ ଚିନ୍ତା ଓ ଚେତନା ସାମ୍ପ୍ରତିକ ସମାଜ ପାଇଁ ସେ ତାଙ୍କ ଲେଖନୀ ଦ୍ୱାରା ଦିଗ୍‌ଦର୍ଶନ ଦେଇଛନ୍ତି । ୧୮୮୨ ମସିହାରେ କଟକ ଜିଲ୍ଲା ମାହାଙ୍ଗା ଥାନା କୋଠପଦା ଗ୍ରାମରେ ଜନ୍ମ ଗ୍ରହଣ କରି ଗୀତିନାଟ୍ୟ, ଗୀତାଭିନୟ ଓ ଯାତ୍ରା ପ୍ରଭୃତି ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ରଚନା କରିଯାଇଛନ୍ତି । କେବଳ ସେତିକି ନୁହେଁ ଭାଗବତ ଭଜନମାଳା, ଜଣାଣ ମାଳିକା, ଜଗନ୍ନାଥ ଜଣାଣ, ସ୍ତୁତି ମାଳିକା, ଅବଧୂତ ଭଜନ ସହ ଶ୍ରୀନୀଳାଚଳ ସର୍ବ ଦେବଦେବୀ ଜଣାଣ ଇତ୍ୟାଦି କ୍ଷୁଦ୍ର ପୁସ୍ତିକା ଆଧାରରେ ଉକ୍ତ ନିର୍ବାଚିତ ଗୀତି କବିତାର ସଂକଳନ କରିଯାଇଛନ୍ତି। ପାଣି କବିଙ୍କ ବେପରୁଆ, ହେତୁବାଦୀ ଜୀବନଧାରା ପରି ଭକ୍ତି ସଙ୍ଗୀତ ସମୂହରେ ଶବ୍ଦ ଓ ଭାବସଂଯୋଜନା କ୍ଷେତ୍ରରେ ଅକୁତୋଭୟତା ଅଭିବ୍ୟକ୍ତ ହୋଇଛି । ଦେବ ଦେବୀ ଆମର କେବଳ ଧ୍ୟେୟ ନୁହନ୍ତି, ଅଭିଯୋଗର ପାତ୍ର । ଆତ୍ମୀୟ ଭାବରେ ଆମେ ତାଙ୍କ ବିରୋଧରେ ଅନୁଯୋଗ ଆଣିପାରୁ, ଅଭିମାନ କରିପାରୁ, ଆହାର-ନିଦ୍ରା-ମୈଥୁନ ଭଳି ପାଶବିକ ପ୍ରବୃତ୍ତିଧାରୀ ମାନବ ଦେବ-ସାନ୍ନିଧ ପାଇଁ ଉପାସନାର ଉପାଦାନ ବା ଉପଚାର ଭାବରେ କେବଳ ନୁହେଁ, ଆଧ୍ୟାତ୍ମିକତାର ଆବାହନ ଲକ୍ଷ୍ୟରେ ଭକ୍ତିଗୀତିର ସହାୟତା ନିଏ । ଦେବତା ସାହଚାର୍ଯ୍ୟ ପାଇଁ ଆଚାର ବିଚାରରେ ଦେବତ୍ୱ ପ୍ରକାଶ ଲୋଡ଼ା, ଉପଚାରର ଭୂମିକା ନଗଣ୍ୟ । ପାଣି କବି ବାଣୀ - ଯେବେ ମନ ନିରିମଳରେ ମାଳ ତିଳକ ଜପି କି ଫଳ ? ଜଗନ୍ନାଥଙ୍କ ଜଣାଣରେ ସେ ଲେଖିଛନ୍ତି 'ରେ ଧରମଛଡ଼ା ପରଘରବୁଡ଼ା ଅଟୁ ଏଡ଼େ ବିଟାଳିଆ, ମୋହରି କଟାଳ ଟାଳିଲୁ କାହିଁକି କଦମ୍ବଫୁଲ - ତୋଳିଆ । ଧନ ଯାଚି ଦେଇ କିପାଁଞ୍ଚ ଛଡ଼ାଇ ନେଲୁ ଶିଖଣ୍ଡିଚୂଳିଆ, ଚାରିଯୁଗେ ତୁ ତ ଦଣ୍ଡ ଅପହାରୀ ବରଜସୁତ ମେଳିଆ । ଶବରୀ ଅଇଣ୍ଠା ଚଟା ହଟହଟା ଦକ୍ଷିଣ ସିନ୍ଧୁ କୂଳିଆ, ବଡ଼ ଆଖି ଜଡ଼ ବହିଚୁ କାହିଁକି ଖଣ୍ଡ ଘାଟ ଜଗାଳିଆ, ଠକିଖିଆ ଖୋଇ ଠିକି ଯିବ ଦିନେ ବଳିଷ୍ଠ ବଳି ଛଳିଆ, ବଇଷ୍ଣବ କହେ ମୁହିଁ କି ସଂସାରେ ଏକା ହୀନ କପାଳିଆ' ।




ଦେବତାର ମାନବାୟନ ପାଣି ସାହିତ୍ୟର ସାରସମ୍ପଦ । ଆତ୍ମୀୟସ୍ୱରରେ ସେ ତାଙ୍କ କାଳଜୟୀ ରଚନାରେ ଲେଖିଛନ୍ତି 'ଛାଡ଼ ମାଡ଼ ଖିଆ ବୁଦ୍ଧି ହେ, ବଡ଼ ଦେଉଳ ବଡ଼ ଗୋସାଇଁ । ଯେ ମାଇଲା ମାଡ଼ ସେ ହୋଇଲା ବଡ଼ ବାଡ଼ ହେଲୁ ତାକୁ ତୁହି । ମାଡ଼ୁଆ ମୋହନ ମାଡ଼ି ବିନୁ ଆନ ଯୋଗ ତୋ କରମେ କାହିଁ । ବଇଷ୍ଣବ ଭକ୍ତି କଡ଼ିଆ ଧରିଛି କରେ ଲଗାଇବା ପାଇଁ ।' ବହୁ ସମକାଳୀନ ସାମାଜିକ ସମସ୍ୟା ତାଙ୍କ ରଚନାରେ ସୂଚିତ ଓ ସେ ହାସ୍ୟରସର ବହୁଳ ପ୍ରୟୋଗ କରିଛନ୍ତି । ତାଙ୍କର ନୁହେଁ ପେଟ ପୋଷା ପେଷାରେ ସେ ଲେଖିଛନ୍ତି 'ନୁହେଁ ପେଟ ପୋଷା ପେଷା ବ୍ରହ୍ମଜ୍ଞାନ ଶୁଣାନାହିଁ ପୁରାଣରେ । ଲାଗେ ନାହିଁ ଟଙ୍କା ସୁନାରେ ଅଜ୍ଞାନ କିମ୍ବା ଡର ମରଣରେ । ନିର୍ବିକାର ବ୍ରହ୍ମଧ୍ୟାନ କରି ତୁମ୍ଭ ବିକାର ତ ଛାଡୁନାହିଁ, ବଇଷ୍ଣବ ବୋଲେ ବ୍ରହ୍ମକୁ ଭଣ୍ଡୁଛ ତୁଣ୍ଡେ ବ୍ରହ୍ମଜ୍ଞାନ କହି ।' ସାଧାରଣ ଜନତାର ମନୋରଞ୍ଜନ ଓ ଜ୍ଞାନର ବିକାଶ ପାଣି ଗୀତି ନାଟ୍ୟର ମୁଖ୍ୟ ଆଭିମୁଖ୍ୟ ହେଲେ ହେଁ ସଙ୍ଗୀତ ଓ ନାଟ୍ୟ ମାଧ୍ୟମରେ ନବରସ ପରିବେଷଣ ବୈଷ୍ଣବଙ୍କ ବୈଶିଷ୍ଟ୍ୟ । ନବରସ ମଧ୍ୟରେ ଅନ୍ତତଃ ପ୍ରମୁଖ ଶାନ୍ତରସ ଉଦ୍ବୋଧନରେ ପାଣି ପଟୁତା ପ୍ରଦର୍ଶନ କରିଛନ୍ତି । ଭକ୍ତିଭାବ ପରିପୋଷକ ଲୀଳା (ରାମ-କୃଷ୍ଣ-ଚୈତନ୍ୟ-ଜଗନ୍ନାଥ ପ୍ରମୁଖଙ୍କ) ବ୍ୟାଖ୍ୟାନ ଓ ଆତ୍ମୋପଲବ୍ଧି ଓ ହିନ୍ଦୁ ସମାଜର ଆଧ୍ୟାତ୍ମିକ ଉନ୍ନତି ପାଇଁ ସେ ବହୁ ସଂଖ୍ୟକ ଭଜନ - ଜଣାଣ - ଚଉତିଶା ଓ ଷୋଡ଼ଶା ଆଦି କ୍ଷୁଦ୍ର କବିତା ରଚନା କରିଛନ୍ତି । ରାଗରାଗିଣୀ ଏବଂ ସ୍ୱରଚିତ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ କବିଙ୍କ ପ୍ରଚଳିତ ବୃତ୍ତିଉନିର୍ଦ୍ଦେଶ ପୂର୍ବକ କ୍ଷୁଦ୍ର ଗୀତିଗ୍ରନ୍ଥ ଆପଣା ଜୀବନକାଳ ମଧ୍ୟରେ ପ୍ରକାଶ - ପ୍ରଚାର ଓ ପ୍ରସାର କରାଇଛନ୍ତି ।

ତାଙ୍କର ସକଳ ରଚନାରେ କବିତ୍ୱର କୂଳପ୍ଳାବନ ପରିଲକ୍ଷିତ ହୁଏ । କବି ତାଙ୍କର ତୋଟା ମୂଳାଉ ଗୋଟାଇ ପତରରେ ଲେଖିଛନ୍ତି 'ଏଡ଼େ ମୋଟା ବୁଦ୍ଧିଆ ତୁ ମୋର ରେ, ନ ମାନୁ ଗିର । ତୋଟା ମୂଳାଉ ଗୋଟାଇଣ ପତର ରେ । ଗୋଟା ଘରେ ମାଲିକ ହେଲେ ସତର । ସେ ଘର ଚୂନା ହେବା କେତେ ମାତର ।' ଉଚ୍ଚକୋଟୀର ଗୀତିକାବ୍ୟର ସମସ୍ତ ଲକ୍ଷଣ ଯଥା ସଂକ୍ଷିପ୍ତତା, ସାବଲୀଳତା, ଗୀତିମୟତା ଓ ଏକମୁଖୀନତା ସର୍ବତ୍ର ସଂଚାରିତ । ନାଟକୀୟ ସଂଳାପଧର୍ମିତା ଅଧିକାଂଶ ଭଜନ - ଜଣାଣରେ ସଂରକ୍ଷିତ । ଏଇ ଯେପରି - 'କଲୁ ଦୁନିଆଁଟା ଦୁଇଭଳିଆ, ରେ ବାଙ୍କଚୂଳିଆ, ଦେଖ ପଣ ପଣ ବାହାର ଚିକ୍କଣ ଭିତର ନିପଟ କାଳିଆରେ ।' (ପର୍ଶୁରାମ ମାତୃହତ୍ୟା) । ସେହିପରି ଲାଞ୍ଜୁଆ ନୁହେଁ ମୋ ଦିଅଁରେ ସେ ଲେଖିଛନ୍ତି 'ଲାଞ୍ଜୁଆ ନୁହେଁ ମୋ ଦିଅଁରେ ମନ ତୁ ପାଛିଆ ଯାଚିଲେ ଟଙ୍କା, ତୁଳସୀକି ବିଛୁଆତି କହିଦେବ ମିଛୁଆଙ୍କୁ ଦେବ ଦେଖା । ଖଛୁଆ ମିଛୁଆ ସଞ୍ଜୁଆଙ୍କର ସେ ଧାରେନାରେ କିଛି ଦେଖ, ଲାଞ୍ଜୁଆ ବଇଆ ପଛୁଆ ହୋଇ ତା କାଳେ କାଳେ ମାଗୁ ଭିକ ।' ଜନମାନସରେ ଗଣକବି ବୈଷ୍ଣବ ପାଣିଙ୍କ କାଳଜୟୀ ରଚନା ଚିର ଅମର ହୋଇରହିଛି । ଗଣକବିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପୂର୍ବକ ତାଙ୍କରି ଅମର ରଚନା 'ଯାହା କରିଗଲେ ତୋତେ ଭାବିବ ଦୁନିଆଁ ତାହା ଯାଇଥାଆ କରି ମରିଯିବୁ ଯେବେ କାନ୍ଦିବେ ସରବେ ନୟନୁଁ ବୁହାଇ ବାରି ।'

❤ ଗୋଡରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭

ପଢ଼ିବା ପରେ...

ଅହ୍ୟ ଡେଙ୍ଗୁରା



ବିଶାଳ ବ୍ରହ୍ମାଣ୍ଡ ହିଁ ଶବ୍ଦମୟ। ତାକୁ ଯିଏ ମାଠିମୁଠି ସଜେଇ ପାରେ ସେ ସଫଳ ଶବ୍ଦଶିଳ୍ପୀ। ସେମିତି ଜଣେ ଶବ୍ଦଶିଳ୍ପୀ ହେଲେ ଆମ ସମୟର ପରିଚିତ କଥାକାର ଓ ପ୍ରାବନ୍ଧିକ ସୁପ୍ରଭା ବେହେରା। ଶିକ୍ଷାଦାନ ପରି ଏକ ପବିତ୍ର ଆଉ ବ୍ୟସ୍ତବହୁଳ ଜୀବନ ଭିତରେ ବି ସେ ଖୋଜନ୍ତି ନିଜକୁ ଆଉ ତୀକ୍ଷ୍ଣ ନଜର ରଖିଥାନ୍ତି ଆଖପାଖର ଘଟଣା ଉପରେ। ସେଇଥିରୁ ସୃଷ୍ଟି ହୁଏ ତାଙ୍କର ଗଳ୍ପ ଆଉ ଫିଚର। ନିୟମିତ ବ୍ୟବଧାନରେ ଦୈନିକ ଖବରକାଗଜ ଗୁଡ଼ିକରେ ଅନେକ ବର୍ଷଧରି ସେ ସକ୍ରିୟ ଥିଲେ ବି 'ଅହ୍ୟ ଡେଙ୍ଗୁରା' ତାଙ୍କର ପ୍ରଥମ ଗଳ୍ପ ସଂକଳନ। ଯାହାର ପ୍ରକାଶକ ହେଉଛନ୍ତି ଭୁବନେଶ୍ୱରର ପଶ୍ଚିମା ପବ୍ଲିକେଶନ୍ସ।

ପୁରୁଷର ସମସ୍ତ ଅତ୍ୟାଚାରକୁ ମଥାନତ କରି ସେ ଥାଏ ନିର୍ବିକାର। ଓଠରେ ଥାଏ ନିର୍ଲିପ୍ତ ହସ। ପ୍ରାପ୍ତିର କାମନା ନାହିଁ,ଆନନ୍ଦ ନାହିଁ କି ଅପ୍ରାପ୍ତିର ବେଦନା ନାହିଁ। ସେଇ ଦେବୀ ପ୍ରତିମା ହେଉଛି ମଲ୍ଲିଖୁଡ଼ି। ସ୍ୱାମୀର ଦ୍ୱିତୀୟ ବିବାହ ପରେ ବି ସ୍ୱାମୀ ପ୍ରତି ତାଙ୍କ ମନର ଅନ୍ତରଙ୍ଗତା ବଦଳି ନାହିଁ। ଯେମିତି ଦେବ ଅର୍ପିତା ନହୋଇ ବି କିଛି ଫୁଲ ନିଜ ସ୍ନିଗ୍ଧତାରେ, ସୁରଭିରେ ମହାକାଉଥାନ୍ତି ସେମିତି ମଲ୍ଲିଖୁଡ଼ି। ପ୍ରଥମ ଗଳ୍ପ 'ଅହ୍ୟ ଡେଙ୍ଗୁରା'ରେ ସର୍ବସଂହା ନାରୀର ଦେବୀ ରୂପ ପୁଣିଥରେ ଉଜ୍ଜଳ ହୋଇ ଉଠିଛି।

ପ୍ରତ୍ୟକ ଉପକ୍ରମଣିକାର ଏକ ଉପସଂହାର ଅନିର୍ବାଯ୍ୟ। ତଥାପି ମନ ସେ ସବୁ ଭୁଲି କାହା ପ୍ରେମର ମନ୍ଥୁରା ପାଣିରେ ନିଜକୁ ମେଣ୍ଟା ସଜାଉଥାଏ। ସେ ଦୂରେଇ ଗଲେ ସ୍ମୃତି ସବୁ ଏକାଠି କରି ସେଥିରେ ନିଆଁ ଲଗେଇ ନିଜକୁ ଜାଳୁଥାଏ। ଏମିତି ଏକ ପ୍ରେମର ମୂର୍ଚ୍ଛନାରେ ଗଳ୍ପ 'ଗ୍ରସ୍ତ ଉପତ୍ୟକା' ଗତିଶୀଳ ଯେଉଁଠି ଆପଣ ଭେଟିବେ ବୟସ୍କ ପ୍ରେମିକ ସୁତନୁ ଅଙ୍କଲ ଆଉ ତାଙ୍କ ଟିନ୍ ଏଜ୍ ପ୍ରେମିକା ସୁଲୁର ନିଆରା ପ୍ରେମ କଥା।



ପିଲାଙ୍କ ଭବିଷ୍ୟତ ଚିନ୍ତାରେ ବାପା ମା' ଙ୍କର ବିତିଯାଏ ଅନେକ ବିନିଦ୍ର ରଜନୀ। କେତେ ଭୋଗନ୍ତି ଅଭୁକ୍ତ ଦ୍ୱିପହର। ସ୍ୱେଦ କ୍ଲାନ୍ତଭରା ଜୀବନ ଅ। ପ ଣେ ଇ ଥା। 'ନ୍ତି। ସେ ଇ ତ୍ୟାଗର ମୂଲ୍ୟ କ'ଣ ସବୁ ପିଲା ବୁଝିଥାନ୍ତି ! ନହେଲେ କ'ଣ ଦୁଇଟି ଉଚ୍ଚ ଶିକ୍ଷିତ ପୁଅ ଘରଡିହ ବିକିବା ଲୋଭରେ ମା'କୁ ବୃଦ୍ଧାଶ୍ରମରେ ଛାଡ଼ି ଜୀବନ୍ତ ଶ୍ରଦ୍ଧାଞ୍ଜଳି ବାଢ଼ିଥାନ୍ତେ ! ସେମିତି ଏକ ସ୍ୱାର୍ଥପର ପୁଅମାନଙ୍କ ମୁଖା ଖୋଲିଯିବାର ଗଳ୍ପ 'ଶ୍ରଦ୍ଧାଞ୍ଜଳି'। ଅନୁରୂପ ଭାବରେ ସେମିତି ଏକ ଗଳ୍ପ 'ଠାକୁରଘର' ଯେଉଁଠି ପୁଅ ନିଜର ଠାକୁରଘର କରି ତା'ର ପ୍ରତିଷ୍ଠା କରିବା ପାଇଁ ନିଜ ଜୀବନ୍ତ ଈଶ୍ୱର ବାପାଙ୍କୁ ନେଇ ବୃଦ୍ଧାଶ୍ରମରେ ଛାଡ଼ି ଆସିଛି।

ଅନ୍ଧାରେ ଫୁଟି ଅନ୍ଧାରେ ଝରିଯାଏ ଶେଫାଳି। ତା'ର ସ୍ୱପ୍ନ, ଇଚ୍ଛା, ଭବିଷ୍ୟତ ସବୁକିଛି ବିଲୀନ ହୋଇଯାଏ ସେଇ ଅନ୍ଧାରରେ ଯେମିତି ମେଧାବୀ ଛାତ୍ରୀ ଝରାର ସମସ୍ତ ସ୍ୱପ୍ନ ହଜି ଯାଇଛି। ନିଜର ଅନିଚ୍ଛାସ୍ୱତେ ଦୁଇ ଦୁଇଟି କନ୍ୟାଭୃଣ ହତ୍ୟାକରିଛି। ଗୋଟିଏ ନାରୀର ବେଦନାସିକ୍ତ ଜୀବନର ମର୍ମସ୍ପର୍ଶୀ ଚିତ୍ର 'ଝରା ଶେଫାଳି'।

ଯୌଥ ପରିବାରରୁ ଅଲଗା ହୋଇ ନିଜକୁ ସୁଖୀ ରଖିବାକୁ ପ୍ରୟାସ କରୁଥିବା ଚରିତ୍ରମାନେ ଦିନେ ନିଃସଙ୍ଗ ହୋଇ ଯାଇଥାନ୍ତି। ତା'ର କଟି ଯାଇଥିବା ମୂଳ, କଟା ଯାଇଥିବା ଶାଖା ପ୍ରଶାଖା, ସୀମିତ ସମ୍ପର୍କର ଜଳାଧାରରେ କଙ୍କରିତ ମୃତ୍ତିକାରେ ବଢ଼ିଥିବା 'ବନସାଇ' ଜୀବନ ତାକୁ ଦିନେ ଉଜାଡି ଦିଏ। ଶେଷକୁ ସେ ବୁଝେ ଯେଉଁଠି ବହଳପଣ ନାହିଁ ଗଭୀରତା ନାହିଁ ସେଇଠି ସମ୍ପର୍କ ଆଉ ସୁଖର ଚେର ଉପୁଡ଼ି ଯାଏଁ। ବନସାଇ ଆଉ ଚେର ଦୁଇଟି ଯାକ ଗଳ୍ପରେ ରହିଛି ଯୌଥ ପରିବାର ଭାଙ୍ଗି ଯିବାର କରୁଣ ଚିତ୍ର। ସେମିତି 'ରଙ୍ଗ' ଗଳ୍ପରେ ରହିଛି ହିନ୍ଦୁ ମୁସଲିମ ଭାଇଚାରାର ବାର୍ତ୍ତା ଆଉ 'ଡ୍ରିଙ୍କ' ଗଳ୍ପରେ ନାରୀ ଜୀବନ ସହିତ ଡ୍ରିଙ୍କର ଅଦ୍ଭୁତ ସାମଞ୍ଜସ୍ୟର ଚମତ୍କାର ବର୍ଣ୍ଣନା।


ଗୋଟିଏ ଆଦିବାସୀ ଝିଅର ପ୍ରକୃତି ପ୍ରତି ରହିଥିବା ଅନ୍ତରଙ୍ଗତା ଶେଷରେ କିପରି ତା ମୃତ୍ୟୁର କାରଣ ହୋଇଛି ସେମିତି ଏକ ଗଳ୍ପ 'ଥୁଣ୍ଟା ଗଛ'। ଅନୁରୂପ ଭାବରେ 'ରାବଣପୋଡ଼ିର ଦୃଶ୍ୟ' ରେ ରହିଛି ନିରୀହ ଗ୍ରାମ୍ୟ କିଶୋରୀ ରୂପା ମନ୍ତ୍ରୀ ଦ୍ୱାରା ଅତ୍ୟାଚାରିତ ହେବାର ଛାତିଥରା ଦୃଶ୍ୟ। 'ଅପ୍ରକାଶିତ ପାଣ୍ଡୁଲିପି' ରେ ରହିଛି ଗୋଟିଏ ଝିଅର ଅବଦମିତ ଇଚ୍ଛା ଓ ସ୍ୱପ୍ନଭଙ୍ଗର କାହାଣୀ। ହଜିଲା ତାରୁଣ୍ୟର ଅମଳିନ ସ୍ମୃତି 'ଗେଟ୍ ଟୁଗେଦର'। ଯେଉଁଠି ସେମାନେ ପରସ୍ପରକୁ ଭେଟି ଅଦିନିଆଁ ବସନ୍ତର ମହୋତ୍ସବ ପାଳିଥିଲେ ସେଇଠି ପୁଣି ନିଜ ବୃଥା ଅଭିଜାତ୍ୟର ଡେଙ୍ଗୁରା ପିଟି ଧୂ ଧୂ ଖରାରେ ସିଝିଗଲେ।

ହାଟରେ ଚିହ୍ନା ମୁହଁର ଭିଡ଼ ଜମେ। ସଉଦା କିଣାବିକା ସହିତ ଭାବର ଆଦାନପ୍ରଦାନ ହୁଏ। ଦିନେ ଜୀବନ ହାଟର ସଉଦା ସରିଯାଏ। ସେତେବେଳେ କେହି ଜଣେ ମୁହଁ ଉପରେ ଧଳା ଲୁଗା ଘୋଡ଼େଇ ଦିଏ। 'ହାଟ' ରେ ରହିଛି ଗାଁ ଛାଡ଼ି ସହରକୁ ଆସିଥିବା ଦନେଇ ହୃଦୟରେ ହଜିଲା ଦିନ ପ୍ରତି ଅହେତୁକ ପ୍ରେମ ଯାହା ସ୍ମୃତିରେ ସେ ଗାଧେଇ ସବୁଦିନ ପାଇଁ ଆଖି ବୁଜି ଦେଇଚି।

ଭଲ ପାଇବାର ନିର୍ବାଣ ବେଦୀରେ ଦିନେ ମନ ସ୍ଥାଣୁ ପାଲଟି ଯାଏଁ। ହୃଦୟର ଭାଷା ହୃଦୟରେ ଲେଖି ହୁଏ ସିନା ପହଞ୍ଚି ପାରେନି ପ୍ରାପକର ଠିକଣାରେ। ହୃଦୟ ହୋଇଯାଏ ଗୁମ୍‌ସୁମ୍, ଶୂନଶାନ୍। ସେତେବେଳେ ସମ୍ପତ୍ତି ବୋଲି ଥାଏ ଆଞ୍ଜୁଳାଏ ଦୁଃଖ। ଅପହଞ୍ଚ 'ଚିଠି'ରେ ରହିଛି ହୃଦୟ ବେଳାଭୂମିରେ ମଥା ପିଟୁଥିବା ଅଜସ୍ର ସ୍ମୃତିର ଢେଉ।

ଗୋଟିଏ ଅବାକ୍ଷୟମୂଖୀ ସମାଜର ଦୁଇଟି ଚରିତ୍ର ବିସ୍ମୟ ଓ ରଜତ। ଜଣେ ଉଚ୍ଚ ଶିକ୍ଷିତ ଯିଏ ନିଜ ଶିକ୍ଷକଙ୍କ ପେନସନ ଟଙ୍କା ପାଇଁ ଲାଞ୍ଚ ନେବାକୁ ପଛାଇ ନାହିଁ। ଅନ୍ୟଜଣେ ଅର୍ଦ୍ଧ ଶିକ୍ଷିତ ଅଟୋ ଡ୍ରାଇଭର ଯିଏ କି ଶିକ୍ଷକ ତା ଅଟୋରେ ଭୁଲି ଯାଇଥିବା ଲକ୍ଷ ଲକ୍ଷ ଟଙ୍କାକୁ ଆଣି ଫେରେଇ ଦେଇଚି। 'ଉଦିତ ସୂର୍ଯ୍ୟର ଅପେକ୍ଷାରେ' ରହିଛି ଶିକ୍ଷିତ ଆଉ ଅଳ୍ପ ଶିକ୍ଷିତ ଚରିତ୍ରର ଦୁଇଟି ଭିନ୍ନ ଭିନ୍ନ ଦିଗ।

ଯେହେତୁ ଗାଳ୍ପିକା ଜଣେ ନାରୀ ତେଣୁ କେତେ ଗୁଡ଼ିଏ ଗଳ୍ପରେ ନାରୀ ଜୀବନର ଅନେକ କଥା ଓ ବ୍ୟଥାର ନିଖୁଣ ଚିତ୍ର ରହିଛି। ଅଧିକାଂଶ ଗପର ଚରିତ୍ର ସବୁ ଫ୍ଲାସବ୍ୟାକକୁ ଯାଇ ହଜି ଯାଇଥିବା ଦିନଗୁଡ଼ିକର ସ୍ମୃତିରେ ଝୁରି ହେବାର ଚିତ୍ର ରହିଛି। ପ୍ରତିଟି ଗଳ୍ପର କଳେବର କ୍ଷୁଦ୍ର ଓ ମନଛୁଆଁ ଓ ପରସ୍ପରଠୁଁ ଅଲଗା। ଗଳ୍ପଗୁଡ଼ିକର ଭାଷା ବେଶ୍ ମାର୍ଜିତ ଓ ସଂସ୍କାରଧର୍ମୀ। ଷୋହଳଟି କ୍ଷୁଦ୍ରଗଳ୍ପରେ ସମୃଦ୍ଧ ସଂକଳନଟିର ମୂଲ୍ୟ ରହିଛି ୧୨୯ ଟଙ୍କା।



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

କିମ୍ବଦନ୍ତୀରେ କୁମାର ପୂର୍ଣ୍ଣିମା ବନାମ ଜହ୍ନି ଓଷା



ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଶାର କୁମାର ପୂର୍ଣ୍ଣିମା ଏକ ବିଶେଷ ପର୍ବ। ଏହି ପର୍ବ କୁମାରୋତ୍ସବ ବା କୋଜାଗର ପୂର୍ଣ୍ଣିମା ନାମରେ ମଧ ପରିଚିତ ସେଭଳି କନ୍ୟାମାନଙ୍କ ଜହ୍ନି ଓଷା ଭାବେ ବିଦିତ । ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ପୂର୍ଣ୍ଣିମା ଶରତ ଋତୁରେ ପଡୁଥିବାରୁ ଅନେକ ସ୍ଥାନରେ ଏହାକୁ ଶରତ ପୂର୍ଣ୍ଣିମା ମଧ କହିଥାନ୍ତି । ଅପରପକ୍ଷରେ ଏହିଦିନ ଜଗନ୍ମାତା ମା' ଲକ୍ଷ୍ମୀ ଦେବୀଙ୍କର ଆରାଧନା ହେଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା ବା କୋଜାଗାର ଲକ୍ଷ୍ମୀ ପୂଜା କୁହାଯାଇଥାଏ । କୁମାରୀ ଝିଅ ସମେତ ଓଡ଼ିଶାବାସୀ ତୁଳସୀ ଚଉରା, ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରବା ଲୋକ ବିଶ୍ୱାସ ରହିଛି। ସାଧାରଣତଃ କୁମାରୀ କନ୍ୟାମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ ଏହି ବ୍ରତ ପାଳନ କରିଥାନ୍ତି ।

ଏହା ଆଶ୍ୱିନ ମାସର ପ୍ରଥମ ଦିନରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ । ମାସସାରା ପ୍ରତି ଅପରାହ୍ଣରେ ଜହ୍ନିଫୁଲ ଫୁଟିବା ପରେ ଜହ୍ନିଫୁଲକୁ ନେଇ ତୁଳସୀ ଚଉରା ମୂଳେ କୁମାରୀମାନେ ବୃନ୍ଦାବତୀଙ୍କୁ ପୂଜା କରନ୍ତି । ଗ୍ରାମାଞ୍ଚଳର କୁମାରୀ ଝିଅ ମାନେ ଏଥିରେ ଲିଆ, ଉଖୁଡ଼ା, କଦଳୀ, କାକୁଡ଼ି ଆଦି ଭୋଗ କରନ୍ତି । ସଞ୍ଜ ବେଳେ ଗୀତ ବୋଲି, ହୁଳହୁଳି ଦେଇ ଝିଅମାନେ ଏହି ଓଷା ପାଳନ କରିଥାନ୍ତି । ଅପରାହ୍ଣରେ ସେମାନେ ଚଉରାମୂଳରେ ଜହ୍ନିଫୁଲ ତଥା ଅନ୍ୟାନ୍ୟ ଫୁଲରେ କୋଠି ତିଆରି କରି କଳସ ସ୍ଥାପନା କରନ୍ତି ଓ ଜହ୍ନିଓଷା ବହି ପଢ଼ି ପୂଜା କରନ୍ତି । ଗୀତ ଗାଇ ଗାଇ ବୃନ୍ଦାବତୀଙ୍କୁ ଜହ୍ନି ଫୁଲର ଆଞ୍ଜୁଳି ଦିଅନ୍ତି । ବିଶ୍ୱାସ ଅଛି କୁଷ୍ଠ ରୋଗରୁ ମୁକ୍ତି, ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ଜହ୍ନିଓଷା କଲେ ଭଲ ହେବାର କଥିତ ଅଛି । କେତେକ କୁମାରୀ ଝିଅ ମାସସାରା ଓଷା ନକରିପାରିଲେ କୁମାର ପୂର୍ଣ୍ଣିମା ପୂର୍ବରୁ ୧୫ଦିନ ଅଥବା ୫ଦିନ ମଧ ଏହି ଓଷା ପାଳନ କରିଥାନ୍ତି । ଓଷା ବିଧି ଓ ପରମ୍ପରା ସହ ଅପରାହ୍ଣରେ ଗୀତ ଗାଇ ପୁଚି ଖେଳି ଆନନ୍ଦ ଉଲ୍ଲାସରେ କିଛି ସମୟ କାଟିବା ସେମାନଙ୍କ ଏକପ୍ରକାର ବ୍ୟାୟାମ ବୋଲି ଧରାଯାଏ ।

କିମ୍ବଦନ୍ତୀ ଅନୁସାରେ ଏହି ଓଷାରେ କବି ଦୀନକୃଷ୍ଣ ଦାସଙ୍କର ରଚିତ 'ଜହ୍ନିଓଷା କଥା' ଗାଇଥାଆନ୍ତି । ଏଥିରେ ବହୁ ପ୍ରକାର ଛନ୍ଦରେ ଭିନ୍ନ ଭିନ୍ନ କିମ୍ବଦନ୍ତୀ ବଖଣାଯାଇଛି । ରଚନା ଦୃଷ୍ଟିରୁ ଏହି କାବ୍ୟଏକାଦଶ ଅକ୍ଷରୀ ପଦ୍ୟରେ ପାଞ୍ଚ ଛାନ୍ଦରେ ବିଭକ୍ତ କରାଯାଇପାରେ । ବିଶେଷ କରି ମହାରାଷ୍ଟ୍ର, ଉଡ୍ରରାଷ୍ଟ୍ର (ଓଡ଼ିଶା), କର୍ଣ୍ଣାଟ (କର୍ଣ୍ଣାଟକ), ବିରାଟ ଦେଶ, ସୌରାଷ୍ଟ୍ର ଦେଶ ଇତ୍ୟାଦି ପାଞ୍ଚ ଦେଶରେ ଓଷାର ମହିମା ପାଳନର ରୀତିନୀତି ବିଧି ସହିତ ସୁଫଳର କାହାଣୀ ସବୁ ବର୍ଣ୍ଣିତ ହୋଇଛି ।

ପ୍ରଥମ ଛନ୍ଦରେ ଓଷା ନିନ୍ଦାର କୁପରିଣତି କଣ ଘଟେ ତାହା ବଖଣାଯାଇଛି । ଆଶ୍ୱିନମାସ ତିରିଶ ଦିନ ଯାଏ କୁଆଁରୀ ଝିଅମାନେ ଏକତ୍ରିତ ହୋଇ ତୁଳସୀ ଚଉରା ମୂଳରେ ଜହ୍ନି ଫୁଲରେ କୋଠି କାଟି ଓଷା କରନ୍ତି । ଲିଆ ଉଖୁଡ଼ା ଆଦି ଭୋଗ ଲଗାନ୍ତି। ଚଉରା ଉପରେ ଜହ୍ନି ଫୁଲରେ ଆଞ୍ଜୁଳା ଦିଅନ୍ତି । ଦିନେ ମହାରାଷ୍ଟ୍ରଦେଶରେ ଜମ୍ବୁବତୀ ବୋଲି ଜଣେ ନାରୀ ଏହି ଓଷାକୁ ଥଟ୍ଟା ପରିହାସ କଲା । ଏହି ଓଷା ଝିଅମାନେ ମୁଢ଼ି ଖାଇବାକୁ କରୁଛନ୍ତି ବୋଲି କହି ଉପହାସକଲା । ଯାହା ଫଳରେ ମା' ବୃନ୍ଦାବତୀ ରାଗିଲେ । ତାଙ୍କ ଅଭିଶାପରୁ ସର୍ପ ଜମ୍ବୁବତୀର ସୁପ୍ତ ପୁତ୍ରକୁ ଦଂଶନ କଲା । ମୃତ ପୁତ୍ରକୁ ଧରି ବାହୁନୁଥିବା ବେଳେ ତା'ର ସ୍ୱାମୀ ମହେଶ୍ୱର ଆସି ପହଞ୍ଚିଲା । ଓଷା ନିନ୍ଦାର ପରିଣତି ସ୍ୱରୂପ ଏପରି ଘଟିଥିବାର ଜାଣି ପତିପତ୍ନୀ ବୃନ୍ଦାବତୀଙ୍କୁ ଯାଇ ଆକୁଳ ଭାବେ ପ୍ରାର୍ଥନା କଲେ । ବହୁତ କାକୁତି ମିନତି ହେବା ପରେ ବୃନ୍ଦାବତୀ ସନ୍ତୁଷ୍ଟ ହେଲେ ଓ ତା'ର ମୃତ ପୁତ୍ରକୁ ଜୀବନ୍ୟାସ ଦେଲେ ।

ସେଭଳି ଦ୍ୱିତୀୟ ଛାନ୍ଦରେ ଏକ ସାଧବ ପରିବାରର କାହାଣୀ ଉଲ୍ଲେଖନୀୟ । ଓଡ୍ର ରାଷ୍ଟ୍ରପୁରରେ ଭଗୀରଥୀ ନାମକ ଜଣେ ସାଧବ ତା'ର ପାଞ୍ଚପୁଅ ଓ ଗୋଟିଏ ଝିଅକୁ ନେଇ ସୁନାର ସଂସାର କରିଥିଲେ । ହେଲେ ଦୁର୍ଯୋଗକୁ ଝିଅ ରାଧୀକି କୁଷ୍ଠରୋଗ ହେଲା । ତା'ମାଆ ସୁକାନ୍ତୀ ଦିନେ ପିଲାଏ ଚଉରା ମୂଳେ ଜହ୍ନିଓଷା ପୂଜୁଥିବାର ଦେଖିଲା ଓ ଏହି ଓଷା କଲେ ରୋଗ ନାଶ ହୁଏ ବୋଲି ସେ ଶୁଣିଲା । ଯାହା ଫଳରେ ତା'ଝିଅର ବ୍ୟାଧି ନାଶ ହେଲେ ପାଞ୍ଚବର୍ଷ ଯାଏ ଜହ୍ନିଓଷା ପୂଜିବ ବୋଲି ମାନସିକ କଲା । କୁଆଁରୀ ଓଷେଇତି ଝିଅମାନେ ତା'ନାଁରେ ହୁଳହୁଳି ଦେଲେ । ପରବର୍ତ୍ତୀ ଜହ୍ନିଓଷା ବେଳେ ରାଧୀ ତା'ମାଆକୁ ଓଷା ପାଇଁ 'ଭୂଜା'(ମୁଢ଼ି) ମାଗିଲା । ମାଆ ବିରକ୍ତ ହୋଇ ଓଷା ପୂଜିବାକୁ ମନା କରିଦେଲା । ଯାହା ଫଳରେ ବୃନ୍ଦାବତୀ ରାଗି ତା'ର ପାଞ୍ଚ ପୁଅକୁ ନେଇ ଅଜଣା କୋରଡ଼ ଭିତରେ ଲୁଚାଇ ଦେଲେ । ସୁକାନ୍ତୀ ବାହୁନି କାନ୍ଦିଲା । ପୁଅକୁ ପାଇଲେ ପାଞ୍ଚଟି କାକରା ଭୋଗ କରିବ ବୋଲି ବୃନ୍ଦାବତୀଙ୍କ ପାଖରେ ମାନସିକ କଲା । ଝିଅ ଓଷା କରୁ ବୋଲି ସ୍ୱପ୍ନରେ ଦେବୀ କହିଲେ । ରାଧୀ ପାଞ୍ଚଟି କାକରା ଦେଇ ଓଷା ପୂଜିବାରୁ ତାର ପାଞ୍ଚପୁଅ ସ୍ୱଗୃହକୁ ଫେରି ଆସିଥିଲେ ।

ତୃତୀୟ ଛାନ୍ଦରେ କର୍ଣ୍ଣାଟ ଦେଶର ପୀତାମ୍ବର ତା'ର ପତ୍ନୀ ପ୍ରିୟବତୀ କଥା ବର୍ଣ୍ଣନା ରହିଛି। ସେମାନଙ୍କର ସାତପୁଅରେ ଗୋଟିଏ ଝିଅ । ଗେଲବସରର ସେହି ଝିଅ ତା' ମାଆକୁ ପୂଜା କରିବାକୁ କହିଲା । ପ୍ରିୟବତୀ ଖୁସି ହୋଇ ତା'ପାଇଁ ଭୁଜା ଉଖୁଡ଼ା ଆଦି ପୂଜା ଜିନିଷ ଯୋଗାଡ଼ କରିଦେବାରୁ ସେ ପୂଜା କଲା ଓ ସୁନ୍ଦର ବର ପାଇଲା। ଚତୁର୍ଥ ଛାନ୍ଦରେ ବିରାଟ ଦେଶର କଥା ରହିଛି । ବିରାଟ ଦେଶର ଧନେଶ୍ୱର ଓ ତା'ର ସ୍ତ୍ରୀ ପଦ୍ମାବତୀଙ୍କର ଗୋଟିଏ ପୁଅ ଓ ତିନିଝିଅ । ଝିଅମାନେ ଓଷା ପୂଜିବାକୁ ମନ କରିବାରୁ ମା' କହିଲେ ତୁମର ଏ ଓଷା କରିବା ବିହିତ ନୁହେଁ । ବୃନ୍ଦାବତୀ ସ୍ୱପ୍ନରେ ପଦ୍ମାବତୀକୁ କହିଲେ ତୋ ଝିଅମାନଙ୍କୁ କାହିଁକି ଓଷା ପୂଜିବାକୁ ମନା କଲୁ ? ସେମାନେ ଯଦି ଏ ଓଷା ନ କରିବେ ତେବେ ସାତଦିନ ଭିତରେ ତୋ ପୁଅଟି ମୃତ୍ୟୁ ବରଣ କରିବ। ଶେଷରେ ସେ ନିଦରୁ ଉଠିପଡ଼ି ଝିଅମାନଙ୍କୁ ଏହି ଓଷା ପୂଜା କରିବାକୁ କହିଥିଲା ।

ପଞ୍ଚମ ଛାନ୍ଦରେ ସୌରାଷ୍ଟ୍ର ଦେଶର କଥା କୁହା ହୋଇଛି। ଏଥିରେ ଜହ୍ନିଫୁଲ ଛିଣ୍ଡାଇବା ମନା କରାଯାଇଛି। କିନ୍ତୁ ସେ ଦେଶର ରାଜଜେମା ଜହ୍ନିଫୁଲ ଛିଣ୍ଡାଇବାରୁ ତା' ହାତ ଖଣ୍ଡ ଖଣ୍ଡ ହୋଇଗଲା । ସେ କାନ୍ଦି କାନ୍ଦି ଆସି ମାଆକୁ କଥା କହିଲା । କେଉଁ ବିଧାତା ଏହାକଲେ ବୋଲି ମାଆ ବିକଳ ହେଲେ । ବୃନ୍ଦାବତୀ ତା' ମନକଥା ଜାଣି ରାଣ୍ଡୀ ବ୍ରାହ୍ମଣୀ ରୂପରେ ତା'ପୁରକୁ ଆସି ସେ ଜହ୍ନି ଛିଣ୍ଡାଇବା କଥା ଶୁଣି ଓଷଦ ଦେଇଗଲେ । ଏପରିକି ଝିଅ ଜହ୍ନିଓଷା କରୁବୋଲି ପରାମର୍ଶ ଦେଲେ। ସେ ଓଷଦ ବାଟି ବୋଲି ଦେବାରୁ ହାତ କଅଁଳିଲା । ଆଶ୍ୱିନମାସ ହେଲାରୁ ଝିଅ ଓଷା କରିବାକୁ କହିଲେ। ସେଥିରେ ବୃନ୍ଦାବତୀ ସବୁ ପୂଜା ସଜ ଯୋଗାଇଲେ। ସେ ବାଳଝିଅମାନଙ୍କ ସହିତ ମିଶି ପୂଜାକଲା ।



ଏହି ଓଷାର ପାଳନ ବିଧି ସଂପର୍କରେ କୁହାଯାଇଛି ଯେ ଭାଦ୍ର ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀମାନେ ତୁଳସୀ ଦେବୀଙ୍କ ନିକଟରେ ଏହି ଓଷା ପାଳନ ହୁଏ । ଝିଅମାନେ ବିଭିନ୍ନ ଗୀତ, ଖେଳ, ହୁଳହୁଳି ସହିତ ଏହାକୁ ପାଳନ କରିଥାନ୍ତି। ଦୀନକୃଷ୍ଣ ଦାସଙ୍କ ରଚିତ 'ଜହ୍ନିଓଷା କଥା'ର ୧ମ ଓ ୫ମ ଛାନ୍ଦରେ ପୂଜାବିଧିର ଟିକିନିଖି ବର୍ଣ୍ଣନା ଅଛି। କୁଆଁରୀ ଓଷେଇତି ଝିଅମାନେ ମିଳିତ ହୋଇ ଗୀତ ବୋଲି ପୂଜା କରନ୍ତି । ଜହ୍ନିଓଷାରେ ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପୂଜା କରାଯାଇଥାଏ । କୁମାରୀମାନେ ସକାଳେ ସୂର୍ଯ୍ୟ ଉଇଁବା ପରେ ନଦୀ-ପୋଖରୀରେ ଗାଧୋଇ ବାଲିପିଣ୍ଡ ଦେଇଥାନ୍ତି । ଏହି ବାଲିପିଣ୍ଡକୁ ବିଭିନ୍ନ ପ୍ରକାରର ଫୁଲରେ ସଜାଇଥାନ୍ତି । ଠିକ୍ ସଞ୍ଜରେ ତୁଳସୀ ଚଉରା ମୂଳ ଜହ୍ନିଫୁଲରେ ସଜାଇ ଲିଆ ଭୋଗ କରିଥାନ୍ତି । ମାସ ସାରା ଓଷାକାରିଣୀ ଝିଅମାନେ କେବେ ଜହ୍ନି ଖାଇନଥାନ୍ତି । ସଞ୍ଜ ବେଳେ ଝିଅମାନେ ଜହ୍ନିଓଷା ଗୀତ ବୋଲିଥାନ୍ତି । ଏହି ସମୟରେ ସେମାନେ ପୁଚି ଓ ଦଉଡ଼ିଡିଆଁ ମଧ ଖେଳିଥାନ୍ତି । ପୁଚି ଖେଳର ତାଳେ ତାଳେ

' କୁଆଁର ପୁନେଇ ଜହ୍ନ ଗୋ
ଫୁଲ ବଉଳ ବେଣୀ,
କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ
ପୁଚି ଖେଳିବାକୁ ମନ ଗୋ
ଫୁଲ ବଉଳ ବେଣୀ...'

କୁଆଁରୀ ଝିଅମାନେ ଗୀତ ଗାଇ ପୁଚି ଖେଳିଥାନ୍ତି। ପୁଅମାନେ ପଶା ଓ ତାସ୍ ଖେଳି ମନୋରଞ୍ଜନ କରିଥାନ୍ତି । କେତେକ ଅଞ୍ଚଳରେ ଏହି ଦିନ ଘରର ଜ୍ୱାଇଁମାନଙ୍କୁ ମଧ ନିମନ୍ତ୍ରଣ କରି ବିଭିନ୍ନ ପ୍ରକାରର ଉପହାର ଦିଆଯାଇଥାଏ । ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଏହି ଓଷାର ଉଦ୍‌ଯାପନ କୁମାର ପୂର୍ଣ୍ଣିମା ଦିନ ହୋଇଥାଏ । କୁମାର ପୂର୍ଣ୍ଣିମାରେ ଚାନ୍ଦ ବନ୍ଦେଇବା ପାଇଁ ଥାଳିରେ ସଜାଯାଇଥିବା ମଣ୍ଡା, ଖଇଭୋଗ ଓ ୭ଖଣ୍ଡ ଘିଅବଳିତା ରଖି ପାଳନ କରାଯାଏ । ଭଲ ସୁନ୍ଦର ବର ପାଇଁ ଝିଅମାନେ ଚନ୍ଦ୍ର ଆସିଲେ ପୂଜା କରିବା ସହିତ ଚନ୍ଦ୍ର ଦେଖି ଚାନ୍ଦ ଭୋଗ କରି ଲୁଚି ଖାଇବା ବେଶ୍ କୌତୁହଳ।

ଏହି ଦିନ ଘରର କୁମାରୀମାନେ ଭୋରରୁ ଉଠି ସ୍ନାନାଦି ନିତ୍ୟକର୍ମ ସାରି ନୂତନ ବସ୍ତ୍ର ପରିଧାନ କରି ସେମାନେ ଆଞ୍ଜୁଳାରେ ସାତ ପ୍ରକାରର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି । ଏହି ବିଧିକୁ ଆଞ୍ଜୁଳା ଟେକା ବିଧି କୁହାଯାଏ । ଯଦିଓ ଓଡ଼ିଶାର କେତେକ ଅଞ୍ଚଳରେ ଆଞ୍ଜୁଳା ଟେକା ବିଧି ପାଳନ ହୁଏ ନାହିଁ । କେବଳ କୁମାରୀମାନେ ଦିନସାରା ଉପବାସ କରିଥାନ୍ତି । କୁମାରୀ ତଥା ବିବାହିତା ମହିଳାମାନେ ପାଦରେ ଅଳତା ଲଗାଇଥାନ୍ତି । ଏହି ଅଳତା ହେଉଛି ଭାରତୀୟ ପରମ୍ପରାରେ ଅହିସୁଳକ୍ଷଣୀ ହେବାର ପ୍ରତୀକ । ପ୍ରତ୍ୟକ ପୂଜା ପର୍ବରେ ଭାରତୀୟ ନାରୀମାନେ ଅଳତା ଲଗାଇ ନିଜ ଜୀବନସାଥୀର ଦୀର୍ଘ ଜୀବନ କାମନା କରିଥାନ୍ତି ।

ଏହି ପର୍ବରେ ଚନ୍ଦ୍ରଙ୍କ ପୂଜା କରାଯାଉଥିବାରୁ ଏଥିରେ କଇଁ ଫୁଲ ବିଶେଷ ଭାବରେ ବ୍ୟବହୃତ ହୋଇଥାଏ । ଏହି ଦିନ ତୁଳସୀ ଗଛରେ ନାଲି ଶଙ୍ଖା ଓ ସାଲୁ କନା ସହ ନୂଆ ବସ୍ତ୍ରଟିଏ ମଧ ଦିଆଯାଇଥାଏ । ଚଉରା ଆଗରେ ପିଢ଼ାରେ ଗୁଆ ରଖି ତା' ଉପରେ ଦୁବ ଘାସ, ଫୁଲ, ବରକୋଳି ପତ୍ର ଦେଇ ସଜାଯାଇଥାଏ । ଚଉରା ପାଖରେ ସ୍ଥାପନ କରାଯାଇଥିବା କଳସରେ ମଧ ଆମ୍ବଡାଳ, ଗୁଆ, ସିନ୍ଦୁର, ଚନ୍ଦନ ଇତ୍ୟାଦି ଦେଇ ଅନୁରୂପ ଭାବେ ସଜାଯାଇଥାଏ । ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର, କାକୁଡ଼ି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜା ମୁଗ, ସେଓ, ଚିନି ଇତ୍ୟାଦି ପଡ଼ି ଏକ ଚକଟା ପ୍ରସ୍ତୁତ କରାଯାଇଥାଏ । ଏହି ଚକଟାକୁ ଚାନ୍ଦ ଚକଟା କୁହାଯାଏ । ଏହି ପର୍ବରେ ତିଆରି କରାଯାଉଥିବା ମଣ୍ଡା ପିଠା ଓଡ଼ିଶାର ମୁଖ୍ୟ ଆକର୍ଷଣମାନ ?ଙ୍କ ମଧ୍ୟରୁ ଅନ୍ୟତମ । ପୂଜା ସମୟରେ ଚାନ୍ଦ ଚକଟା ଓ ମଣ୍ଡା ପିଠା ଭୋଗ ଚଉରା ଏବଂ ଚନ୍ଦ୍ରଙ୍କୁ ଅର୍ପଣ କରି ସେମାନଙ୍କୁ ଶଙ୍ଖ ଓ ହୁଳହୁଳି ସହ ଦୀପରେ ବନ୍ଦାଇ ଦିଆଯାଏ । ଯେଉଁ ଘରେ କୌଣସି କୁମାରୀ କନ୍ୟା ନଥାନ୍ତି, ସେ ଘରେ ବିବାହିତା ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ସୁଖ ସମୃଦ୍ଧି କାମନା କରି ଚଉରା ଓ ଚନ୍ଦ୍ର ପୂଜା କରିଥାନ୍ତି । ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ନିଜର ସାରା ଦିନର ଉପବାସ ଭାଙ୍ଗିଥାନ୍ତି । ବାସ୍ତବରେ ଲୋକ କିମ୍ବଦନ୍ତୀକୁ ନେଇ ଏହି ପର୍ବ ପାଳନ କେବଳ ଓଡ଼ିଶାରେ ନୁହେଁ ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ଗୁଜରାଟ ଭଳି ଭାରତର ଅନ୍ୟାନ୍ୟ ରାଜ୍ୟରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ପାଳନ କରିଥାନ୍ତି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ଦିନ ଚନ୍ଦ୍ର ପୃଥିବୀର ନିକଟତମ ସ୍ଥିତିରେ ଥାଏ ଓ ଚନ୍ଦ୍ର କିରଣ ମଣିଷର ସ୍ୱାସ୍ଥ୍ୟ ଓ ଚିନ୍ତାଧାରା ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଏହି ଦିନଟିକୁ ଭାରତର ବିଭିନ୍ନ ପ୍ରାନ୍ତରେ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ...!!!

❤ ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ
କଟକ -୪
ମୋ: ୯୦୪୦୧୫୧୪୭୫

ଆଇନ ଆଢୁଆଳରେ ନିଶା କାରବାର ବଢୁଛି: ସଚେତନତାର ଆବଶ୍ୟକତା

ବୈଶିଙ୍ଗା, ୨୪/୧୦ (ନି.ପ୍ର): ବେତନଟୀ ବ୍ଲକ ଅଧୀନରେ ୨୪ଟି ପଞ୍ଚାୟତ ରହିଥିବା ବେଳେ ଦୁଇଟି ଥାନା ବେତନଟୀ ଓ ବୈଶିଙ୍ଗାରେ ରହିଛି । ଏତଦ ବ୍ୟତିତ ବାରିପଦା, ମୋରଡା ଓ ବଡ଼ସାହି ବ୍ଲକର କେତେକ ପଞ୍ଚାୟତ ଏହି ଦୁଇ ଥାନା ଅଧୀନରେ ରହିଛି । ସରକାରୀ ନିୟମ କୁ ଉଲଂଘନ କରିବା ସହିତ ଗ୍ରାମାଞ୍ଚଳ ରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମାଦକ ଦ୍ରବ୍ୟ ଅର୍ଥାତ ବିଭିନ୍ନ ପ୍ରକାରର ଗୁଟୁଖା, ଦେଶୀ ଓ ବିଦେଶୀ ମଦ ସହିତ ନକଲି ବିଦେଶୀ ମଦ, ଗଂଜେଇ, ଅଫିମ, ଧଳା ଜହର ଇତ୍ୟାଦି ଯେତେ ପ୍ରକାର ମାଦକ ଦ୍ରବ୍ୟ ରହିଛି ସେଗୁଡିକ ବେତନଟୀ ଓ ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ ଅବାଧରେ ବିକ୍ରୟ ହେଉଥିବା ଜଣାଯାଇଛି । ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ ଏହି ନିଶା କାରବାର କୁ ରୋକିବା ସମ୍ଭବ ହେଉନଥିବା ଜଣାଯାଇଛି । ବାରମ୍ୱାର ଦେଶୀ ଚୋରା ମଦଭାଟିରେ ଚଢ଼ାଉ କରି ଅବକାରୀ ବିଭାଗ ରନ୍ଧା ମଦ ଓ ପୋଚ ନଷ୍ଟ କରୁଥିଲେ ମଧ ଚୋରା ମଦ ରନ୍ଧା ଚାଲିବା ସହିତ ଜିଲ୍ଲା ବାହାରକୁ ମଦ ଚାଲାଣ ହୋଇ ଚାଲିଛି । ବୈଶିଙ୍ଗା ଥାନା ଇଲାକାରେ କେତେକ ଢ଼ାବା କେବଳ ନିଶା ଦ୍ରବ୍ୟ କାରବାର କରି ତାଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ବୈଶିଙ୍ଗା ପୁଲିସ ନିରବ ଦ୍ରଷ୍ଟା ପାଲଟିଛି, ବୈଶିଙ୍ଗା ଥାନାର ନିଷ୍କ୍ରିୟତା ଯୋଗୁଁ ଏଠାରେ ଅଧିକ ପରିମାଣରେ ନିଶା କାରବାର ହେଉଥିବା ମାମଲା ରୁ ଜଣାଯାଇଛି । କାରଣ ନିଶା ସେବନକାରୀ ଏହି ନିଶା ସେବନ କରିବାରେ ଏତେ ମାତ୍ରାରେ ଅଭ୍ୟସ୍ତ ହୋଇ ପଡିଛନ୍ତି ଯେ ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି । ଛକା ପଞ୍ଝା ରେ ଏହି କାରବାର ଚାଲିଥିବାରୁ ନିଶାଡୀ ଙ୍କୁ ଧରିବା ସମ୍ଭବ ହେଉନାହିଁ, ଦୈନିକ ପଡୋଶୀ ଜିଲାରୁ ଅନେକ ଯୁବକ ଆସି କେତେକ ଡାବା ଏବଂ ଡାହିବାଟି ହାଟ ପଡିଆରେ ଆଡ୍ଡା ଜମାଇବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଛୋଟ ବଡ଼ ଅପରାଧ କରୁଥିବା ଜଣାଯାଇଛି । ବିଶେଷ ଭାବେ ବହୁ କମ ବୟସର ପିଲା ଅଧିକ ପରିମାଣର ଗୁଟୁଖା ଖାଉଥିବା ଜଣାଯାଇଛି । ଏହି ଗୁଟୁଖା ଖାଇ ନିକଟରେ ବହୁ ଯୁବକ ପ୍ରାଣ ହରାଇଥିବାର ନଜିର ରହିଥିଲେ ମଧ ସେଥିରୁ କ୍ଷାନ୍ତ ହେଉ ନଥିବା ଜଣାଯାଇଛି, କମ ବୟସର ପିଲାମାନେ ଏହି ବିଷାକ୍ତ ଗୁଟୁଖା ଖାଉଥିଲେ ମଧ ପରିବାର ପକ୍ଷରୁ ବାରଣ କରାଯାଉ ନାହିଁ । ଏଥି ନିମନ୍ତେ ସରକାରୀ ସ୍ତରରେ ହେଉ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ହେଉ ସଚେତନ କରାନଗଲେ କେନସାର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏଥିରେ ସନ୍ଦେହନାହିଁ । ସରକାର ବିଭିନ୍ନ ଯୋଜନା କରି ମହିଳା ମାନଙ୍କୁ ସଶକ୍ତ କରୁଥିବାବେଳେ ପୁରୁଷ ମାନେ ନିଶାରେ ମସଗୁଲ ରହୁଛନ୍ତି । ସରକାର ମଦ ଦୋକାନ ବନ୍ଦ କରିବାରେ ଯେଭଳି ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ସେଭଳି ଏହାର ନିରାକରଣ ଦିଗରେ ଚେଷ୍ଟା କରିବା ସହିତ ଯୁବ ପିଢ଼ି ଙ୍କ ନିମନ୍ତେ କିଛି ଯୋଜନା ଚିନ୍ତା କରନ୍ତୁ ଓ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇବା ପାଇଁ ଯୋଜନା ପ୍ରସ୍ତୁତ କଲେ ଅକାଳରେ ଝଡି ପଡୁଥିବା ଯୁବସମାଜ ବର୍ତ୍ତି ଯାଇ ପାରନ୍ତେ । ଆଧାତ୍ମିକ ମାର୍ଗ କୁ ଆସିବା ନିମନ୍ତେ ଯୁବ ସମାଜକୁ ସଚେତନ କରାଇ ନିଶା ମୁକ୍ତ ନକଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ । ଏତଦ ବ୍ୟତିତ ସରକାର ନିଯୁକ୍ତି ସୃଷ୍ଟି କରି ଯୁବସମାଜ କୁ ନିଯୁକ୍ତି ପ୍ରଦାନ କରାଇପାରିଲେ ନିଶାକାରବାର କମିପାରେ ବୋଲି ସଚେତନ ନାଗରିକ ପ୍ରକାଶ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତିର...

ସ୍ଥାନାନ୍ତରିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍.ଡି.ଆରଏଫ୍ ଟିମ୍ ନିୟୋଜିତ କରାଯାଇଛି । ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି ଏନଡିଆରଏଫ୍ ଟିମ୍ କୁ ନିୟୋଜିତ କରାଯାଇଛି । ୨୨୫ ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି ବୋଲି ଜଣାଯାଇଛି । ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧକୁ ନ ଯିବା ପାଇଁ ସତର୍କ କରାଯାଇଛି । ପ୍ରଭାବିତ ଅଂଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିଶେଷକରି ରାସ୍ତାଘାଟରେ ପଡ଼ି ଅବରୋଧ ସୃଷ୍ଟି କରୁଥିବା ଗଛଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଜଣାଯାଇଛି । ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି ହୋଲ ଅଫ୍ ଗଭରମେଂଟ ଆପ୍ରୋଚ୍ ରେ ବାତ୍ୟା ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅଗ୍ନିସେବା ଡିଜି, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଏସ.ଆ.ର.ସି. ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

କୋଟିଆ ପ୍ରସଙ୍ଗରେ ସର୍ବଦଳୀୟ...

କୋଟିଆକୁ ନେଇ ସବୁ ରାଜନୈତିକ ଦଳକୁ ଏକାଠି କରିବା ପାଇଁ ବିଚାରବିମର୍ଶ ଚାଲିଥିବା ସେ ସୂଚନା ଦେଇଛନ୍ତି । ସର୍ବଦଳୀୟ ଆଲୋଚନା ମାଧମରେ ଏହି ପ୍ରସଙ୍ଗରେ ଏକ ସାମୂହିକ ଆଭିମୁଖ୍ୟ ଗଠନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ସୂଚନାଯୋଗ୍ୟ, କୋଟିଆର ତିନୋଟି ଗାଁରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ର ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପରେ ଓଡ଼ିଶାରେ ପ୍ରତିବାଦ ଜୋରଦାର ହୋଇଛି । ବିଜେଡିର ଏକ ପ୍ରତିନିଧି ଦଳ କୋଟିଆ ଗସ୍ତ କରି ସ୍ଥିତି ଅନୁଧାନ କରିଥିବା ବେଳେ ରାଜ୍ୟ ସରକାର ମଧ ଆଇନଗତ ପଦକ୍ଷେପ ନେଇଛନ୍ତି । ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶ ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ଆନ୍ଧ୍ର ପ୍ରଶାସନ ବିରୋଧରେ ଅଦାଲତ ଅବମାନନା ମାମଲା ମଧ ଦାଖଲ ହୋଇଛି । ଏବେ ସମସ୍ତଙ୍କ ନଜର ସର୍ବଦଳୀୟ ଆଲୋଚନା ଉପରେ ରହିଛି । କୋଟିଆ ପ୍ରସଙ୍ଗରେ ରାଜନୈତିକ ଦଳଗୁଡ଼ିକ ଏକାଠି ହୋଇ କି ପଦକ୍ଷେପ ନେବେ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

ଶାନ୍ତି ବଣ୍ଡରେ...

ଅଧିକାରକୁ ପ୍ରଭାବିତ କରିବା ପାଇଁ ଝଓଜର ସାହାଯ୍ୟ ନିଆଯାଉଛି ଏବଂ ୧୩ କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ ହଟାଇ ଦିଆଯାଇଛି । ନେହା କହିଛନ୍ତି, ଏଭଳି ପଦକ୍ଷେପ ଦ୍ୱାରା ଦେଶର ଗଣତାନ୍ତ୍ରିକ ପରମ୍ପରା ସୁରକ୍ଷିତ ରହିପାରିବ ନାହିଁ । ଗଣତନ୍ତ୍ରରେ ନିଜର ମତ ରଖିବା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ନାଗରିକଙ୍କ ଅଧିକାର ବୋଲି ସେ ମତ ଦେଇଛନ୍ତି ।

ହୀରାକୁଦ ଥାଇ ...

ଜଳ ଅଭାବ ଓ ଦିନର ତାପମାତ୍ରା ବୃଦ୍ଧି ଯୋଗୁଁ ଶହ ଶହ ଏକର ଜମିରେ ଧାନ ଗଛ ମରିବାକୁ ଲାଗିଥିବା ଅଭିଯୋଗ ହୋଇଛି । ପରିବର୍ତ୍ତିତ ପାଣିପାଗ ପରିସ୍ଥିତିରେ ଚାଷୀ କିପରି ଚାଷ କରିବେ, ସେନେଇ ସରକାର ଆବଶ୍ୟକ ପରାମର୍ଶ ଓ ସଚେତନତା ସୃଷ୍ଟି କରିବାକୁ ଦାବି ହୋଇଛି । ଏଥିସହ ଫସଲ କ୍ଷତିର ସଠିକ୍ ଆକଳନ କରି ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ମଧ ଦାବି ଉଠିଛି ।

ସୁପ୍ରିମକୋର୍ଟଙ୍କ ରାୟକୁ ଅପେକ୍ଷା...

ଅଧିକାରୀ ସୁଶାନ୍ତ ନାଥଙ୍କ ପକ୍ଷରୁ ମଧ ନୂଆ ମୋଡ଼ ଆସିଛି । ଏଭଳି ସ୍ଥିତିରେ ଡିଜିପି ଚୟନ ପ୍ରକ୍ରିୟା କେବେ ଶେଷ ହେବ, ତାହା ଏବେ ବଡ଼ ପ୍ରଶ୍ନ । ସୁପ୍ରିମକୋର୍ଟଙ୍କ ରାୟ ବିଳମ୍ବ ହେଲେ ସରକାରଙ୍କ ପାଖରେ କିଛି ସମ୍ଭାବ୍ୟ ବିକଳ୍ପ ରହିଛି । ପ୍ରଥମତଃ, ବିନୟ ତୋଷ ମିଶ୍ରଙ୍କ କାର୍ଯ୍ୟକାଳ ବଢ଼ାଇ ତାଙ୍କୁ ଅନ୍ତରୀଣ ଡିଜିପି ଭାବେ ରଖାଯାଇପାରେ । ଦ୍ୱିତୀୟତଃ, ନଭେମ୍ବର ୨ ପୂର୍ବରୁ ରାୟ ଆସିଲେ ୟୁପିଏସ୍‌ସିର ବୈଠକ ଡାକି ଡିଜିପି ପଦ ପାଇଁ ତିନି ଜଣଙ୍କ ନାମ ସର୍ଟଲିଷ୍ଟ କରାଯାଇପାରେ । ଏହି ତାଲିକା ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବା ପରେ ଚୂଡ଼ାନ୍ତ ଚୟନ ପ୍ରକ୍ରିୟା ଆଗକୁ ବଢ଼ିପାରେ । ଅନ୍ୟପଟେ ଡିଜିପି ଚୟନରେ ବିଳମ୍ବ ଯୋଗୁଁ ପୋଲିସ ବିଭାଗର ନେତୃତ୍ୱ ଓ ବିଭିନ୍ନ ପଦପଦବିରେ ନିଯୁକ୍ତିକୁ ନେଇ ମଧ ପ୍ରଶ୍ନ ଉଠୁଛି । ବିଭାଗର ବିଭିନ୍ନ ଦାୟିତ୍ୱ କାହାକୁ ଦିଆଯିବ, ତାହା ସ୍ପଷ୍ଟ ହୋଇପାରୁନଥିବା ଚର୍ଚ୍ଚା ହେଉଛି । ତେଣୁ ସୁପ୍ରିମକୋର୍ଟଙ୍କ ରାୟ, ୟୁପିଏସ୍‌ସିର ପରବର୍ତ୍ତୀ ପଦକ୍ଷେପ ଏବଂ ସରକାରଙ୍କ ନିଷ୍ପତ୍ତି ଉପରେ ଏବେ ସମସ୍ତଙ୍କ ନଜର ।

୭୦% ଦିବ୍ୟାଙ୍ଗଙ୍କୁ ସାତ ସପନ ପକ୍କାଘର: ଅନ୍ତୋଦୟ ଗୃହ ଯୋଜନାରୁ ବଞ୍ଚିତ ଅଭିଯୋଗ

ଖୋର୍ଦ୍ଧା, ୨୪/୧୦ (ନି.ପ୍ର): ସରକାରଙ୍କ ଅନେକ ଜନକଲ୍ୟାଣକାରୀ ଯୋଜନା ସତ୍ତ୍ୱେ ଜଣେ ୭୦ ପ୍ରତିଶତ ଦିବ୍ୟାଙ୍ଗଙ୍କ ପାଇଁ ପକ୍କାଘର ଆଜି ବି ସାତ ସପନ । ଘର ଖଣ୍ଡିଏ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି ରବୀନ୍ଦ୍ର ପ୍ରଧାନ । ଆସନ୍ତୁ ଦେଖିବା ଏହି ରିପୋର୍ଟ । ଏ ହେଉଛନ୍ତି ଖୋର୍ଦ୍ଧା ବ୍ଲକ, ମଳିପଡ଼ା ଅଞ୍ଚଳର କଁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଳେଇ ସାହିର ସ୍ୱର୍ଗତ ଗୋପୀନାଥ ପ୍ରଧାନଙ୍କ ପୁଅ ରବୀନ୍ଦ୍ର ପ୍ରଧାନ । ୭୦ ପ୍ରତିଶତ ଦିବ୍ୟାଙ୍ଗ ରବୀନ୍ଦ୍ରଙ୍କ ପାଇଁ ଏବେ ପକ୍କାଘରଟିଏ ସ୍ୱପ୍ନ ହୋଇ ରହିଛି । ରବୀନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ଘର ଖଣ୍ଡିଏ ପାଇଁ ସେ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଏଯାଏଁ ତାଙ୍କୁ ସରକାରୀ ପକ୍କାଘର ମିଳିନାହିଁ । ଅନ୍ୟପଟେ, ମାସିକ ୧୨୦୦ ଟଙ୍କା ଦିବ୍ୟାଙ୍ଗ ଭତ୍ତା ଓ ରାସନ ଚାଉଳରେ ଦିନ କାଟୁଛନ୍ତି ରବୀନ୍ଦ୍ର । ପୁଅର ପେଟ ପୋଷିବା ପାଇଁ ତାଙ୍କ ମାଆ ପର ଘରେ ବାସନ ମାଜି କାମ କରୁଥିବା ଗ୍ରାମବାସୀ କହିଛନ୍ତି । ଏବଂ ରବିନ୍ଦ୍ର ଙ୍କ ମାଁ ନିଜେ ଗଣମାଧମ ଆଗରେ ପ୍ରକାଶ କରିଛନ୍ତି ମୋ ପୁଅକୁ ଏକ ପକ୍କାଘର, ୩୫ କିଲୋ ଚାଉଳ ଏବଂ ଅଧିକ ଭତ୍ତା ମିଳିଲେ ମୋ ପୁଅ ଭଲରେ ଚଳିପାରନ୍ତା । ତେବେ ରବୀନ୍ଦ୍ରଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇଦେବା ସହ ତାଙ୍କୁ ନିୟମ ଅନୁଯାୟୀ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବାକୁ ପରିବାର ପକ୍ଷରୁ ଦାବି ହୋଇଛି । ଏବେ ଦେଖିବାକୁ ବାକି ରହିଲା, ରବୀନ୍ଦ୍ରଙ୍କ ଦୁଃଖ ଉପରେ କେବେ ଦୃଷ୍ଟି ଦେଉଛି ପ୍ରଶାସନ ।

ତ୍ରିପୁରେଶ୍ୱର ଦୁର୍ଗା ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ: ପଚାଶ ବର୍ଷ ପୂର୍ତ୍ତି ଅବସରରେ ପଚାଶ ଜଣଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ , ୨୪/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତର ସାର୍ବଜନୀନ ଦୁର୍ଗାପୂଜାର ପଚାଶ ବର୍ଷ ପୂର୍ତ୍ତି ଅବସରରେ ତ୍ରିପୁରେଶ୍ୱର ଦୁର୍ଗାପୂଜା କମିଟି ପକ୍ଷରୁ ଗୁରୁବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦୁର୍ଗାପୂଜାରେ ପରୋକ୍ଷ ବା ପ୍ରତ୍ୟେକ ଭାବେ ଜଡ଼ିତ ଥିବା ପଚାଶ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଫେସର ଡ଼.ମୃତ୍ୟୁଞ୍ଜୟ ପଣ୍ଡା, ମୁଖ୍ୟ ବକ୍ତା ଭାବରେ ସୁସାହିତକ ତଥା କବି ଡ଼ କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ବାଲିଆପାଳ ଲାୟନ୍ସ କ୍ଲବ ସଭାପତି ବ୍ୟୋମକେଶ ସାହୁ ,ପୂର୍ବତନ ସରପଞ୍ଚ କୀର୍ତ୍ତନ ଚନ୍ଦ୍ର ଧଳ, ସମିତି ସଭ୍ୟ ମୀନକେତନ ଦାସ ମହାପାତ୍ର, ସମାଜସେବୀ ଜୟନାରାୟଣ ଦାସ, ରାଧାକୃଷ୍ଣ ତ୍ରିପାଠୀ, ପୂଜା କମିଟି ସମ୍ପାଦକ ଦେବେନ୍ଦ୍ର ରାଉତ, ସୁବର୍ଣ୍ଣ ସମ୍ପର୍କର ଆବାହକ ଇ ବିଜୟ କୁମାର ସେଠୀ , ସନ୍ତୋଷ ଗିରି, ପ୍ରମୁଖ ଯୋଗଦେଇ ଥିଲେ । ଦୀର୍ଘ ବର୍ଷ ଧରି ଅନୁଷ୍ଠାନକୁ ପରିଚାଳିତ କରିଥିବା ଦିବଙ୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ହରିହର ପଣ୍ଡା ମଞ୍ଚ ସଂଚାଳନା ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ । ଶେଷରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଭାବଗ୍ରାହୀ ରାଉତ, ଜ୍ୟୋତିଶଙ୍କର ଭୂୟାଁ, ହରେନ୍ଦ୍ର ବେହେରା, ରବୀନ୍ଦ୍ର ଜେନା, ଯୋଗେନ୍ଦ୍ର ବାଗ, କାହ୍ନୁ ଚରଣ ପାତ୍ର, ଚନ୍ଦନ କାମିଲା ପ୍ରମୁଖ ପରିଚାଳନା କରିଥିଲେ ।

ବିଜୟାଦଶମୀ ବନ୍ଧୁମିଳନ ଉତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ



ନୀଳଗିରି , ୨୪/୧୦ (ନି.ପ୍ର): ଶନିବାର ଅପରାହ୍ନରେ ନୀଳଗିରି ଡାକବଙ୍ଗଳା ପରିସରରେ ଚଳିତବର୍ଷ 'ବିଜୟାଦଶମୀ ବନ୍ଧୁମିଳନ' ଉତ୍ସବ - ୨୦୨୬ ପାଳନପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି ।ଏହି ବୈଠକରେ ମାନ୍ୟବର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଆଗାମୀ ନଭେମ୍ବର ମାସ ୧୦ତାରିଖରୁ ୧୫ତାରିଖ ମଧରେ ଏହି କାର୍ଯ୍ୟକ୍ରମ କରିବାପାଇଁ ସର୍ବସମ୍ମତି କ୍ରମେ ସଦସ୍ୟମାନଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଅଛି ।ଏହି ବୈଠକରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ନୀଳଗିରି ଏନଏସି ଚେୟାରମ୍ୟାନ ମହେନ୍ଦ୍ର ବେହେରା, ଦେବାଶିଷ ଆଚାର୍ଯ୍ୟ, ତାପସ ମହାନ୍ତି ,ସମରଶଙ୍କର କାନୁନଗୋ, ଅକ୍ଷୟ ପାଣିଗ୍ରାହୀ, ପ୍ରବୀଣ ନାୟକ, କାର୍ତ୍ତିକ ଜେନା, ମାର୍ତ୍ତଣ୍ଡ ମହାପାତ୍ର, ମନୀନ୍ଦ୍ର ରାଉତ, ବଳରାମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର,କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ବେହେରାଙ୍କ ସମେତ ବିଜେପିର ସମସ୍ତ ମଣ୍ଡଳସଭାପତି ଏବଂ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।ଗତବର୍ଷ ଭଳି ଚଳିତବର୍ଷ ମଧ ଧୂମଧାମରେ ଭବ୍ୟ କାର୍ଯ୍ୟକ୍ରମ କରିବାପାଇଁ ସ୍ଥିର ହୋଇଥିବାରୁ ନୀଳଗିରି ବିଜେପିର କର୍ମୀମାନଙ୍କ ମଧରେ ଆନନ୍ଦର ଲହରୀ ଖେଳି ଯାଇଅଛି ।

ଭୋଳବେଡ଼ାରେ ହାଟ ପ୍ରକଳ୍ପର ସ୍ୱଚ୍ଛତା ଓ ପୋଷଣ ଅଭିଯାନ

କେନ୍ଦୁଝର, ୨୪/୧୦ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ସ୍ଥିତ ଭାରତ ସଂଗଠନର ସେହାଟ୍ ପ୍ରକଳ୍ପ ଘଟଗାଁ ବ୍ଲକ ଅନ୍ତର୍ଗତ ଭୋଳବେଡ଼ା ସାପ୍ତାହିକ ହାଟରେ ସ୍ୱଚ୍ଛତା ଅଭିଯାନ ଓ ପୋଷଣ ସଚେତନତା କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଥିଲା । ପ୍ରକଳ୍ପ ସଂଯୋଜକ ଶିବନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରତ ସଂଗଠନର କର୍ମୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ହାଟ ପରିସର ସଫେଇ କରାଯିବା ସହିତ ହାଟର ସ୍ୱଚ୍ଛତା, ଖାଦ୍ୟ ସୁରକ୍ଷା ଓ ପୋଷଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ହାଟରେ ଅଳିଆ ଆବର୍ଜନା ଏଣେତେଣେ ନ ପକାଇବା,ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନର ବ୍ୟବହାର କମାଇବା ଏବଂ ଖାଦ୍ୟ ସାମଗ୍ରୀକୁ ପରିଷ୍କାର ଓ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହିତ ଉନ୍ନତ ପୋଷଣ ପାଇଁ ଭାରତୀୟ ଖାଦ୍ୟ ପ୍ରଣାଳୀ ପ୍ରକଳ୍ପ ସମ୍ପର୍କରେ ମଧ ସଚେତନତା ସୃଷ୍ଟି କରାଯାଇଥିଲା । ଏହା ଏକ ଗବେଷଣାଭିତ୍ତିକ ଅଧ୍ୟୟନ, ଯାହାକୁ ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ ଏବଂ ସେଫିଲ୍ଡ ବିଶ୍ୱବିଦ୍ୟାଳୟ ସହାୟତା କରୁଥିବାବେଳେ ହାଇଦ୍ରାବାଦ ସ୍ଥିତ ରାଷ୍ଟ୍ରୀୟ ପୋଷଣ ସଂସ୍ଥା ପରାମର୍ଶ ଓ ତଦାରଖ କରୁଛି । ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ଖାଦ୍ୟ ପ୍ରଣାଳୀ ଓ ଲୋକମାନଙ୍କ ଖାଦ୍ୟାଭ୍ୟାସକୁ ଅଧ୍ୟୟନ କରିବା ସହିତ ପୋଷଣରେ ଉନ୍ନତି ଆଣିବା ପାଇଁ ସକାରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା । ସ୍ଥାନୀୟ ଶସ୍ୟ, ଡାଲି, ଶାଗ, ପନିପରିବା ଓ ଋତୁକାଳୀନ ଫଳମୂଳ ଭଳି ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବା ସହିତ ଶିଶୁ ଓ ମହିଳାଙ୍କ ପୋଷଣ ସ୍ଥିତିରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସ୍ୱଚ୍ଛ ହାଟ, ସୁରକ୍ଷିତ ଖାଦ୍ୟ ଓ ସୁଷମ ପୋଷଣ ଏକ ସୁସ୍ଥ ସମାଜ ଗଠନର ମୂଳ ଆଧାର । ଏଥିପାଇଁ ହାଟ କମିଟି, ଦୋକାନୀ ଓ ସାଧାରଣ ଲୋକଙ୍କ ସାମୂହିକ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ଭୋଳବେଡ଼ା ସରପଂଚ ସନ୍ଧ୍ୟାରାଣୀ ନାୟକ, ହାଟ କମିଟି ସଭାପତି ଭାଗବତ ପ୍ରସାଦ ନାୟକ, ସମ୍ପାଦକ ଭାଗିରଥି ନାୟକ, ଏକଜୁଟ୍ ସଂଗଠନର ନିରାଶ ମହାନ୍ତ ଓ ବିବେକ ବେହେରାଙ୍କ ସମେତ ହାଟ କମିଟିର ସମସ୍ତ ସଦସ୍ୟ ଏବଂ ସିଏଲଏଫ ଓ ଜିପିଏଲଏଫର ମହିଳା ସଦସ୍ୟାମାନେ ଯୋଗ ଦେଇଥିଲେ । ସମସ୍ତଙ୍କ ମିଳିତ ସହଯୋଗରେ ହାଟର ସ୍ୱଚ୍ଛତା ବଜାୟ ରଖିବା ସହିତ ପୋଷଣ ଓ ସ୍ୱାସ୍ଥ୍ୟକର ଜୀବନଶୈଳୀ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାର ବାର୍ତ୍ତା ଦିଆଯାଇଥିଲା ।

ପାର୍ବତୀପୁର ଗ୍ରାମରେ ବିଜେପି ନେତାଙ୍କ କନ୍ୟାପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଖଇରା, ୨୪/୧୦ (ନି.ପ୍ର): ପ୍ରତିବର୍ଷ ଭଳି ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗ୍ରାମରେ ବିଜେପି ନେତା ଠାକୁର ରଞ୍ଜିତ ଦାସ ଓ ସ୍ତ୍ରୀ ସ୍ୱପ୍ନରାଣୀଙ୍କ ଆବାହକତ୍ୱରେ କନ୍ୟାପୂଜନ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ହିନ୍ଦୁ ପରମ୍ପରା ଅନୁଯାୟୀ ଶକ୍ତିର ପ୍ରତିକ ଭାବେ ଶିଶୁ କନ୍ୟାମାନଙ୍କର ପୂଜାର୍ଚ୍ଚନା କରାଯିବା ସହ ସେମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ପରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଖଇରା ସମେତ ସିମୁଳିଆ,ଔପଦା ଓ ସୋର ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକ ମାନେ ଖଇରା ର ବିଭିନ୍ନ ସମସ୍ୟା ଉପରେ ଶ୍ରୀଦାସଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ନିଳଗିରିରୁ ଔପଦା ଖଇରା ଦେଇ କେନ୍ଦୁଝର ପର୍ଯ୍ୟନ୍ତ ରେଳ ଲାଇନ ସଂପ୍ରସାରଣ କାର୍ଯ୍ୟ କରାଯିବା ସମ୍ପର୍କରେ ସାମ୍ବାଦିକ ମାନେ ଶ୍ରୀଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଭଦ୍ରକ ଓ ବାଲେଶ୍ୱର ୨ଟି ଜିଲା ପୃଥକ ଜୋନ ମଧ୍ୟରେ ରହୁଥିବାରୁ ଆନୁସଙ୍ଗିକ କାର୍ଯ୍ୟରେ କିଛିଟା ବାଧା ରହୁଛି । ଏ ପ୍ରସଙ୍ଗରେ ସେ କେନ୍ଦ୍ର ରେଳ ମନ୍ତ୍ରୀକୁ ଦେଖାକରି ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକୁ ନେଇ ସେ ସବୁଜ ସଙ୍କେତ ମଧ୍ୟ ମିଳିଥିବା କହିଥିଲେ । ଏହା ପୂର୍ବରୁ ଶ୍ରୀ ଦାସଙ୍କ ପ୍ରଚେଷ୍ଟାରେ ଖଇରା, ଗଣ୍ଡିବେଡ ଠାରେ ଜାତୀକରଣ ବ୍ୟାଙ୍କର ଶାଖା ଖୋଲାଯିବା, ଗଣ୍ଡିବେଡକୁ ଉପଡାକଘର ମାନ୍ୟତା ପ୍ରଦାନ, ଖଇରା ଠାରେ ଜିବନ ବିମା ନିଗମର ଶାଖା ଖୋଲାଯିବା ଭଳି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବାରୁ ତାଙ୍କ ନିକଟରୁ ଖଇରା ଓ ସିମୁଳିଆବାସୀ ଅନେକ କିଛି ଆଶା ରଖିଥିବା ନେଇ ସାମ୍ବାଦିକ ମାନେ ପ୍ରକାଶ କରିଥିଲେ ।

ବାତ୍ୟା ମୁକାବିଲା ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ଓ ସମୀକ୍ଷା

ଖୋର୍ଦ୍ଧା, ୨୪/୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁ ଚାପ ସମ୍ଭାବ୍ୟ ବାତ୍ୟା ରୂପ ନେବା ଭାରତୀୟ ପାଣିପାଗ ବିଭାଗ ର ସଦ୍ୟତମ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ,ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଆଭାସିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳମାନେ, ଉପଜିଲ୍ଲାପାଳ ମାନେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବ୍ଲକ ଉନ୍ନୟନ ଅଧିକାରୀମାନେ, ତହସିଲଦାର ମାନେ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପଦକ୍ଷେପ ଗୁଡ଼ିକ ଉପରେ ନ୍ୟସ୍ତ ଦାୟିତ୍ୱ ସମ୍ବନ୍ଧରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ କ୍ଷ ଶୂନ୍ୟ ମୃତ୍ୟୁ ହାର ବଜାୟ ନିମନ୍ତେ ଜିଲ୍ଲାପ୍ରଶାସନ ର ଭିଜନ କୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଭାଗ ତତ୍ପରତା ସହ କାର୍ଯ୍ୟ କରିବା ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ଏବଂ ଅଧୀନସ୍ଥ କାର୍ଯ୍ୟାଳୟ ଗୁଡ଼ିକରେ ନିୟନ୍ତ୍ରଣ କକ୍ଷଗୁଡ଼ିକୁ ୨୪ ଘଂଟିଆ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ୫୧ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସହିତ ଅତିରିକ୍ତ ୩୭୯ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି । ଆଶ୍ରୟସ୍ଥଳୀଗୁଡ଼ିକର ସୁପରିଚାଳନା ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି ଓ ସ୍ଥାନୀୟ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନେଇ ଆଶ୍ରୟସ୍ଥଳୀ ପରିଚାଳନା କମିଟି ଗଠନ କରାଯାଇଛି । ପାନୀୟ ଜଳ, ପରିମଳ, ବିଦ୍ୟୁତ୍ ଯୋଗାଣ ଏବଂ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ସହ ଆଶ୍ରୟସ୍ଥଳୀଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରାଯାଇଛି । ତଳିଆ ଓ ବନ୍ୟାପ୍ରବଣ ଅଂଚଳଗୁଡ଼ିକୁ ଚିହ୍ନଟ କରାଯାଇଥିବାବେଳେ ଆବଶ୍ୟକସ୍ଥଳେ, ବିଶେଷକରି ଅସୁରକ୍ଷିତ ସ୍ଥାନରେ ରହୁଥିବା ବ୍ୟକ୍ତିମାନଙ୍କୁ ସ୍ଥାନାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ୮ଟି ମୋଟରଚାଳିତ ଡଙ୍ଗାକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି । ଆବଶ୍ୟକ ପଡ଼ିଲେ ଘରୋଇ ଡଙ୍ଗାଗୁଡ଼ିକୁ ମଧ ନିୟୋଜିତ କରାଯାଇପାରିବ ବୋଲି କୁହାଯାଇଛି । ରାସ୍ତା ଅବରୋଧ ହଟାଇ ଯାତାୟାତ ସ୍ୱାଭାବିକ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଯାନ୍ତ୍ରିକ ସାଧନଗୁଡ଼ିକୁ ପ୍ରସ୍ତୁତ ରଖାଯାଆଇଛି । ଜଳ ପ୍ରବେଶ, ପଛୁଆ ଜଳପ୍ରବାହ ଏବଂ ଜଳବନ୍ଦୀ ସମସ୍ୟାର ଆଶଙ୍କା ଥିବା ଅଂଚଳଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧକୁ ନଯିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକତା ଅନୁଯାୟୀ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ଦଳଗୁଡ଼ିକୁ ଆବଶ୍ୟକ ସ୍ଥାନରେ ମୁତୟନ କରାଯିବ ।୨୩ ଅକ୍ଟୋବର ୨୦୨୬ ତାରିଖର ମହଜୁଦ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ପାଂଚଟି ଗୋଦାମ ଓ ସଂରକ୍ଷଣ କେନ୍ଦ୍ରରେ ପ୍ରାୟ ୧,୧୨,୫୩୮ କୁଇଂଟାଲ ଚାଉଳ ମହଜୁଦ ରହିଛି । ଏହା ବ୍ୟତୀତ ରିଲିଫ୍ କାର୍ଯ୍ୟ ପାଇଁ ୨୫୨ କୁଇଂଟାଲ ଚୁଡ଼ା ଓ ୧୯୭ କୁଇଂଟାଲ ଗୁଡ଼ ଉପଲବ୍ଧ ରହିଛି । ଜରୁରୀକାଳୀନ ବ୍ୟବହାର ପାଇଁ ଜିଲ୍ଲାରେ ୨,୩୮୩ ପ୍ୟାକେଟ୍ ପଲିଥିନ୍ ମଧ ମହଜୁଦ ଅଛି । ସୁରକ୍ଷିତ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସେବାର ତ୍ୱରିତ ପୁନରୁଦ୍ଧାର, ଦୁର୍ଗମ ଅଂଚଳରେ ଖାଦ୍ୟଶସ୍ୟ ମହଜୁଦ ରଖିବା ଏବଂ ପଶୁଖାଦ୍ୟ, ପ୍ରାଣୀ ଚିକିତ୍ସା ସେବା ଓ ଗୃହପାଳିତ ପଶୁଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତିର ଅଂଶସ୍ୱରୂପ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ରେ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା, ଡାକ୍ତରଖାନାଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ଓ ସାପ କାମୁଡ଼ା ପ୍ରତିରୋଧୀ ଔଷଧ (ଏଏସଭି)ର ଉପଲବ୍ଧତା ଏବଂ ଜିଲ୍ଲା ଡାକ୍ତରଖାନା ଓ ପ୍ରଭାବିତ ନହୋଇଥିବା ବ୍ଲକଗୁଡ଼ିକରୁ ଜଣେ ଡାକ୍ତର ଓ ଜଣେ ପାରାମେଡିକ୍‌ଙ୍କୁ ନେଇ ମୋବାଇଲ୍ ସ୍ୱାସ୍ଥ୍ୟ ଦଳ ନିୟୋଜନ ବ୍ୟବସ୍ଥାର ସମୀକ୍ଷା କରାଯାଇଛି । ଆଗାମୀ ୧୫ ଦିନ ମଧରେ ପ୍ରସବ ହେବାର ସମ୍ଭାବ୍ୟ ତାରିଖ ଥିବା ୫୩୯ ଜଣ ଗର୍ଭବତୀ ମହିଳାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି, ଯାହାଦ୍ୱାରା ସେମାନଙ୍କୁ ସମୟୋଚିତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇପାରିବ ।


ରବିବାର, ଅକ୍ଟୋବର ୨୫, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପ୍ରଶାନ୍ତ ମହାସାଗରର ଭାନୁଆଟୁରେ ୬.୯ ତୀବ୍ରତାର ଭୂମିକମ୍ପ

ନୂଆଦିଲ୍ଲୀ,୨୩/୧୦ : ପ୍ରଶାନ୍ତ ମହାସାଗର ଅଂଚଳର ଭାନୁଆଟୁ ଦ୍ୱୀପପୁଞ୍ଜ ନିକଟରେ ଶନିବାର ସକାଳେ ୬.୯ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ୟୁ. ଏସ୍. ଜିଓଲୋଜିକାଲ୍ ସର୍ଭେ (ୟୁ. ଏସ୍. ଜି. ଏସ୍.) ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଥିଲା। ତୁର୍କୀର ସରକାରୀ ଆନାଦୋଲୁ ନ୍ୟୁଜ୍ ଏଜେନ୍ସି ୟୁ. ଏସ୍. ଜି. ଏସ୍. କୁ ଉଦ୍ଧୃତ କରି କହିଛି ଯେ ଭୂକମ୍ପ କେନ୍ଦ୍ର ଭାନୁଆଟୁର ପୋର୍ଟ-ଓଲ୍ରିରୁ ପ୍ରାୟ ୧୯୭ କିଲୋମିଟର ପଶ୍ଚିମ-ଉତର-ପଶ୍ଚିମରେ ଅବସ୍ଥିତ ଥିଲା। ଭୂମିକମ୍ପର ଗଭୀରତା କମ୍ ଥିବାରୁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂକମ୍ପୀୟ ଘଟଣା ବୋଲି ବିବେଚନା କରାଯାଏ। ୟୁ. ଏସ୍. ଜିଓଲୋଜିକାଲ୍ ସର୍ଭେ ମଧ ୬.୩ ତୀବ୍ରତାର ଆଉ ଏକ ଭୂମିକମ୍ପର ସୂଚନା ଦେଇଛି। ଏହାର କେନ୍ଦ୍ରସ୍ଥଳ ପୋର୍ଟ-ଓଲି ଠାରୁ ପ୍ରାୟ ୧୭୦ କିଲୋମିଟର ଉତର-ପଶ୍ଚିମରେ ଥିଲା। ଏହି ଭୂକମ୍ପ ମଧ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଘଟିଥିଲା। ୟୁ. ଏସ୍. ଜି. ଏସ୍. ଅନୁଯାୟୀ, ଦ୍ୱିତୀୟ ଭୂମିକମ୍ପକୁ ନେଇ ଏକ 'ଗ୍ରୀନ୍ ଆଲର୍ଟ' ଜାରି କରାଯାଇଥିଲା। ସତର୍କତାର ଏହି ସ୍ତର ସାଧାରଣତଃ ଭୂମିକମ୍ପରୁ ମୃତ୍ୟୁ ଏବଂ ଆର୍ଥିକ କ୍ଷୟକ୍ଷତିର ଏକ କମ୍ ଆକଳନକୁ ସୂଚିତ କରେ ଢ଼ ତେବେ, କମ୍ପନ ସାମାନ୍ୟ ହେବାର ପ୍ରତ୍ୟକ୍ଷ ପ୍ରମାଣ ଭାବେ ଏହାକୁ ବିଚାର କରାଯିବା ଉଚିତ ନୁହେଁ। ଭୂକମ୍ପ ପରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନିର ସୂଚନା ମିଳିନାହିଁ।



ମାଙ୍କିଡ଼ିଆ ଜନଜାତିଙ୍କୁ ଅଣଦେଖା ଦୁଃଖ ଦାୟକ : ନିତ୍ୟାନନ୍ଦ




ଉଦଳା, ୨୪/୧୦ (ନି.ପ୍ର): ଯାଯାବର ଜୀବନ ବିତାଉଥିବା ମାଙ୍କିଡ଼ିଆ ଜନଜାତିର ଲୋକଙ୍କୁ ସରକାର ଗୋଟିଏ ସ୍ଥାନରେ ରଖିବା ପାଇଁ ଉଦ୍ୟମ କରି କଲୋନି ସ୍ଥାପନ କରିଛନ୍ତି । ଏହିପରି ମୟୂରଭଂଜ ଜିଲ୍ଲାର ବିଭିନ୍ନ ସ୍ଥାନରେ କେତେଗୁଡ଼ିଏ ମାଙ୍କିଡ଼ିଆ କଲୋନି ଦେଖିବାକୁ ମିଳୁଛି। ସାମାଜିକ କର୍ମୀ ନିତ୍ୟାନନ୍ଦ ଥାନପତି ନିକଟରେ କପ୍ତିପଦା ବ୍ଲକର ଜେ.ଏସ୍.ଜାମର୍ଡ଼ିହା ପଂଚାୟତ ଅନ୍ତର୍ଗତ ହିଲବ୍ଲକ-୪ ସ୍ଥିତ ମାଙ୍କିଡ଼ିଆ କଲୋନିକୁ ପରିଦର୍ଶନରେ ଆସିଥିଲେ । ଏଠାରେ ବର୍ତମାନ ପ୍ରାୟ ଶତାଧିକ ମାଙ୍କିଡ଼ିଆ ପରିବାର ବସବାସ କରୁଥିବାର ଜଣାଯାଇଛି । ଉକ୍ତ କଲୋନି ବାସିନ୍ଦାଙ୍କ ସହିତ ଖୋଲା ଆଲୋଚନା ସମୟରେ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ସେମାନେ ଅବଗତ କରାଇଥିଲେ। ବହୁଲୋକଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସରକାରୀ ସୁବିଧା ସୁଯୋଗ ପାଇପାରୁ ନଥିବାର କଥା କହିଥିଲେ । ସେହିପରି ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷାରୁ ବହୁ ଲୋକ ବଂଚିତ ଥିବାର କଥା କହିଥିଲେ। ଆବଶ୍ୟକ କାଗଜପତ୍ର ଅଭାବରୁ ବହୁ ପିଲା ଅଧାରୁ ପାଠପଢ଼ା ଛାଡ଼ିବାକୁ ବାଧ ହେଉଥିବାର କଥା ଜଣାଇଥିଲେ । ସରକାର ଯୋଗାଇ ଦେଇଥିବା ଘରଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଯିବା ଫଳରେ ପଲିଥିନ ପକାଇ ଲୋକେ କିପରି ଦୁଃଖ ଯନ୍ତ୍ରଣା ମଧରେ ଦିନ ବିତାଉଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ। ରୋଜଗାର ନଥିବାରୁ ଉକ୍ତ କଲୋନିର ବାସିନ୍ଦା ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଜଣାଇଥିଲେ। ମାଙ୍କିଡ଼ିଆ ଜନଜାତିର ଲୋକଙ୍କୁ ଏପରି ଅଣଦେଖା କରାଯିବା ଦୁଃଖଦାୟକ ବିଷୟ ବୋଲି ସାମାଜିକ କର୍ମୀ ନିତ୍ୟାନନ୍ଦ କହିବା ସହ ଉକ୍ତ ସମସ୍ତ ଅଭିଯୋଗ ସରକାରଙ୍କ ନଜରକୁ ଆଣିବା ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କଲୋନିରେ ଶତାଧିକ ପରିବାର ବସବାସ କରୁଥିଲେ ମଧ ଗୋଟିଏ ହେଲେ ପାଇଖାନା ବ୍ୟବହୃତ ହେଉନଥିବାର ଘଟଣା ସବୁଠାରୁ ଅଧିକ ଯନ୍ତ୍ରଣା ଦାୟକ ବିଷୟ ବୋଲି କହିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧରେ ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ଙ୍କ ସମେତ ସ୍ୱେଚ୍ଛାସେବି କପାଳ, କାରୁକର, ସୁବ୍ରତ ଓ ହରପ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ ।

ନଅ କିଲୋ ୧ଶହ ଗ୍ରାମ ଗଞ୍ଜେଇ ସହ ଅଭିଯୁକ୍ତ ଗିରଫ

ବସ୍ତା, ୨୪/୧୦ (ନି.ପ୍ର): ଆନ୍ଧ୍ର ପ୍ରଦେଶର ଯୁବକ ହିରାଲାଲ ଜାଦବ(୪୩) ଏକ ବସ ରେ ୯କେଜି୧୦୦ଶହ ଗ୍ରାମର ଗଞ୍ଜେଇ ବୁରାରେ ପେକ କରି ଜଳେଶ୍ୱର ରୁ ବସରେ ପଶ୍ଚିମ ବଙ୍ଗକୁ ପଠାଇବାପାଇ ୧୬ନମ୍ବର ଜାତୀୟ ରାଜପଥ ବସ୍ତା ବାଇପାସ ପହଞ୍ଚିଥିବା ବେଳେ ବିଶେଷ ଖବରପାଇ ବସ୍ତା ଅବକାରୀ ବିଭାଗର ଓ ଆଇ ସି ଜଗନ୍ନାଥ ଭିତିରିଆ ଏସଆଇ ଦିଲ୍ଲିପ ମୂର୍ମୂ ସମେତ ଅବକାରୀଟିମ ପହଞ୍ଚି ଗଞ୍ଜା ବାଇକ ଓ ଅଭିଯୁକ୍ତ ଙ୍କୁ ଗିରଫ କରି ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛନ୍ତି ବୋଲି ବିଭାଗ ପକ୍ଷରୁ ପ୍ରକାଶ ।

ଆଧାତ୍ମିକ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ବାରିପଦା , ୨୪/୧୦ (ନି.ପ୍ର): ଭାଷା, ସାହିତ୍ୟ, ସଂସ୍କୃତି ଓ ଆଧାତ୍ମିକ ଚେତନାର ବାର୍ତ୍ତାବହ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ସ୍ଥାନୀୟ ୩ନଂ ଓ୍ୱାର୍ଡ ସ୍ଥିତ ସତ୍ସଙ୍ଗ ଭବନ ପରିସରରେ ପ୍ରତିଷ୍ଠାନର ସଭାପତି ଡାଃ ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜ୍ଞାନଯଜ୍ଞକୁ ଉଦଘାଟନ କରିଥିଲେ। ୩ନଂ ଓ୍ୱାର୍ଡର କାଉନସିଲର ରାଜ ଗୁପ୍ତା ସମ୍ମାନିତ ଅତିଥି, ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡଃ ଶିବାନନ୍ଦ ମହାନ୍ତି ବିଶିଷ୍ଟ ଅତିଥି, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ କୁମୁଦ ରଂଜନ ରାଉତ, ବ୍ରାହ୍ମଣ ମହାସଭାର ସଭାପତି ଡାଃ ମହାଦେବ ଦାଶ ପ୍ରମୁଖ ସମ୍ମାନୀତ ବକ୍ତା ଭାବରେ ଯୋଗ ଦେଇ ଭକ୍ତ ସାହିତ୍ୟ ହିଁ ସମାଜରେ ପରିବର୍ତ୍ତନ ଆଣିବାକୁ ସକ୍ଷମ ବୋଲି ମତ ଦେଇଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମରେ ସାମୀ ରୁଦ୍ରବେଶାନନ୍ଦ ଗିରି ସାରଗର୍ଭକ ପ୍ରବଚନ ପ୍ରଦାନ କରି ମଣିଷ ନିଜ ଭିତରେ ଥିବା ଈର୍ଷା, ହିଂସା ଓ ଅହଂକାରକୁ ପରିତ୍ୟାଗ ନକଲେ ଈଶ୍ୱରଙ୍କ ସାକ୍ଷାତକାର ପାଇବା ସମ୍ଭବ ନୁହେଁ ବୋଲି କହିଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ମଞ୍ଚ ପରିଚାଳନା ପୂର୍ବକ ଆଧାତ୍ମିକତା ମଣିଷର ସଠିକ ପଥ ପ୍ରଦର୍ଶନ କରିଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ଗୋପାଳ ଚନ୍ଦ୍ର ସାହୁ, ବିଭୂ ମହାଲିକ, ବିଶ୍ୱଜିତ ମହାନ୍ତ, କୈଳାସ ଚନ୍ଦ୍ର ଧଳ, ସଭ୍ୟା ଗୀତାରାଣୀ ସାହୁ, ଭାସ୍ୱତୀ ପଣ୍ଡା, ସୁଧାମୟୀ ଦାସ, ଛବିରାଣୀ ସାହୁ, କମଳିନୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଅକ୍ଟୋବର ୨୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ଅକ୍ଟୋବର ୨୬ ତାରିଖରେ ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସ୍ଥଗିତ ରହିବ।

ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ନିମନ୍ତେ ଜନସଚେତନତା କାର୍ଯ୍ୟକ୍ରମ



ଖୋର୍ଦ୍ଧା, ୨୪/୧୦ (ନି.ପ୍ର): ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ଖୋର୍ଦ୍ଧା ଏବଂ ସହକାରୀ ଶ୍ରମ ଅଧିକାରୀ, ବାଲିଅନ୍ତାଙ୍କ ମିଳିତ ଉଦ୍ୟମରେ ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ଲକ୍ଷ୍ୟରେ ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଭିଯାନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ପଞ୍ଚାୟତର ବାଲକାଟି ବଜାର, ଭଇଁଚୁଆ ପଞ୍ଚାୟତର ରଙ୍ଗ ବଜାର, ବାଲିଅନ୍ତା ପଞ୍ଚାୟତର ବାଲିଅନ୍ତା ବଜାର, ସରକଣା ପଞ୍ଚାୟତର ସରକଣା ବଜାର ଓ ହାଟ, ପୁରଣ ପ୍ରଧାନ ପଞ୍ଚାୟତ ଏବଂ ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦଯାତ୍ରା, ଦାସକାଠିଆ, ପାଲା ଓ ସଚେତନତା ରଥ ମାଧମରେ ଶିଶୁ ଶ୍ରମ ନିରାକରଣର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇଥିଲା। ଏଥିସହିତ ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଗ୍ୟାରେଜ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଶିଶୁ ଶ୍ରମ ନିଷେଧ ସମ୍ପର୍କିତ ପୋଷ୍ଟର ଓ ଘୋଷଣାନାମା ପ୍ରଦର୍ଶନ କରାଯାଇଥିଲା। ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର କାନ୍ଥରେ ଶିଶୁ ଶ୍ରମ ନିଷେଧ ସମ୍ବନ୍ଧୀୟ ଘୋଷଣାନାମା ଲଗାଯାଇ ଦୋକାନୀ, ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ଶିଶୁ ଶ୍ରମ ନିୟୋଜନର କୁପରିଣାମ ଏବଂ ଏହା ସମ୍ପର୍କିତ ଆଇନଗତ ଦଣ୍ଡବିଧାନ ବିଷୟରେ ସଚେତନ କରାଯାଇଥିଲା। ଶିଶୁମାନଙ୍କ ପାଇଁ ଶିକ୍ଷା, ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ସହିତ ଶିଶୁ ଶ୍ରମର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି ବାର୍ତ୍ତା ଦିଆଯାଇଥିଲା। ଶିଶୁ ଶ୍ରମମୁକ୍ତ ଖୋର୍ଦ୍ଧା ଜିଲ୍ଲା ଗଠନ ଦିଗରେ ଏହି ଅଭିଯାନ ଜନସାଧାରଣଙ୍କ ମଧରେ ସଚେତନତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରିବାରେ ସହାୟକ ହେବ।

ପାଣି ପାଇଁ ଡହଲ ବିକଳ ଗ୍ରାମବାସୀ: ରାସ୍ତାରେ ବାଲଟି ଗୋରା ଧରି ପ୍ରତିବାଦ କଲେ ମହିଳା



ବାଲିଆପାଳ, ୨୪/୧୦ (ନି.ପ୍ର): ସରକାର ପ୍ରତି ପଞ୍ଚାୟତରେ ବସୁଧା ଯୋଜନା ମାଧମରେ ଘରେ ଘରେ ପାନୀୟ ପାଣି ଯୋଗାଇ ଦେଉଛନ୍ତି। ସରପଞ୍ଚଙ୍କ ଅବହେଳା ପାଇଁ ଛଅ ଦିନ ଧରି ପାଣିରୁ ବଞ୍ଚିତ ରହିଛନ୍ତି ବୋଲି ଅଭିଯୋଗ ହୋଇଛି ।ସୁଚନା ଅନୁସାରେ ଦେଭୋକ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆଡି ଗ୍ରାମର ବସୁଧା ପାଣି ପମ୍ପ ଉପରେ ଗ୍ରାମର ୮୦୦ରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଛଅ ଦିନ ଧରି ପାଣି ନପାଇବାରୁ ଲୋକେ ଗଡିଆ ପାଣି ବ୍ୟବହାର କରୁଛନ୍ତି। ପିଇବା ପାଣି ପାଇଁ ଦୁଇ କିଲୋମିଟର ଦୂରକୁ ଯିବାକୁ ପଡୁଛି। ଗାଇ ଗୋରୁ ମଧ ହଇରାଣ ହେଉଛନ୍ତି। ଗାଁରେ ନଳକୂପ ରହିଥିଲେ ମଧ ତାହା ବ୍ୟବହାର ଉପଯୋଗୀ ନୁହେଁ। ଏନେଇ ଶନିବାର ଗ୍ରାମର ମହିଳା ଓ ପୁରୁଷ ରାସ୍ତାରେ ବାଲଟି ଗୋରା ନେଇ ପିଇବା ପାଇଁ ପ୍ରତିବାଦ କରିବା ସହିତ ପାଣି ଯୋଗାଇ ଦେବା ପାଇଁ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଏବାବଦରେ ସରପଞ୍ଚ ଏବଂଆରଡବ୍ଲୁଏସଏସର ଜେଇକୁ ଜଣାଇଥିଲେ ମଧ ଫଳ ଶୂନ ବୋଲି କହିଛନ୍ତି ମନୋରମା ପ୍ରଧାନ, ସବିତା ରାଣୀ ଦାସ,ସୁବାଶିନି ଦାସ, ବର୍ଷା ଦଳାଇ, ସବିତା ଦାସ, ପାର୍ବତୀ ଧଳ,ରୀତା ରାଣୀ ଦଳାଇ, ପଦ୍ମାବତୀ ଦଳାଇ,କାଞ୍ଚନ ଦଳାଇ ,ହୃଷିକେଶ ଦାସ ମହାପାତ୍ର, ପିତାମ୍ବର ଜେନା ପ୍ରମୁଖ। ସରପଞ୍ଚ ସବିତା ନାୟକଙ୍କୁ ପଚାରିବାରୁ କହିଛନ୍ତି ବସୁଧାକୁ ସଂଯୋଗ କରୁଥିବା ଟ୍ରାନ୍ସଫରମା ପୋଡ଼ି ଯାଇଥିବାରୁ ପାଣି ବାହାରି ପାରୁନାହିଁ। ଶିଘ୍ର ପାଣିର ବ୍ୟବସ୍ଥା କରିବା ପାଇଁ ଚେଷ୍ଟା ଜାରି ରହିଛି।

ଦୁର୍ଗାପ୍ରସାଦଙ୍କ ଉପନ୍ୟାସ 'ଐର ଖାରବେଳ' ଉନ୍ମୋଚିତ



ନୀଳଗିରି , ୨୪/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଔପନ୍ୟାସିକ ତଥା ଗାଳ୍ପିକ ଦୁର୍ଗାପ୍ରସାଦ ପରିଡାଙ୍କ ଚତୁର୍ଦ୍ଦଶ ପୁସ୍ତକ 'ଐର ଖାରବେଳ' ସଜନାଗଡସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମାବେଶରେ ଉନ୍ମୋଚିତ ହୋଇଥିବା ବେଳେ ଏକ ବନ୍ଧୁମିଳନର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ବାମନଚନ୍ଦ୍ର ମହାନ୍ତି ଅଧକ୍ଷତା କରିଥିବାବେଳେ ସମ୍ପାଦକ ବିଶ୍ୱନାଥ ନାୟକ ସ୍ୱାଗତ ସମ୍ଭାଷଣ ଓ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାକକଥନ ରଖିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନଶିକ୍ଷକ ସୋମନାଥ ନାୟକ ଅତିଥିପରିଚୟ ସହିତ ଶ୍ରୀଯୁକ୍ତ ପରିଡାଙ୍କ ପୂର୍ବଲିଖିତ ପୁସ୍ତକ ଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଡଃ ପ୍ରଦୀପ୍ତ କୁମାର ମିଶ୍ର ଏବଂ ସାହିତ୍ୟିକ ଶରତଚନ୍ଦ୍ର ମହାପାତ୍ର 'ଐର ଖାରବେଳ' ପୁସ୍ତକର ସମୀକ୍ଷା କରିଥିଲେ। ସୂଚନା ଅନୁଯାୟୀ ଓଡ଼ିଶାର ବରପୁତ୍ର ଭୂମିପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରେରଣାରେ ସେ ଏହି ପୁସ୍ତକ ରଚନା କରିଥିଲେ ହେଁ ବିଜୁବାବୁଙ୍କ ଜୀବଦଶାରେ ପୁସ୍ତକଟି ସମ୍ପୂର୍ଣ୍ଣ ହୋଇପାରିନଥିବା ଲେଖକ ପ୍ରକାଶ କରିଥିଲେ। ସାରସ୍ୱତ ସାଧକ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ପଣ୍ଡା , ସୁବାସିନୀ ଜୀ, ବିପିନବିହାରୀ ବାରିକ, ଗଗନ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ ରବି ରାଉତ, ସତ୍ୟବ୍ରତ ମିଶ୍ର, ଶିଳ୍ପୀ କେଶୁ ଦାସ, ମହେଶ୍ୱର ପରିଡା, ବବିତା ସେଠୀ ପ୍ରମୁଖ ଲେଖକଙ୍କର ଲେଖନୀ ଓ ସାଧନାପାଇଁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରତି ତିନମାସରେ ଥରେ ଏଭଳି ନିଆରା ଢଙ୍ଗରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବାର ସର୍ବସମ୍ମତି ମତ ପ୍ରକାଶ ପାଇଥିଲା। ଶେଷରେ ବାମନ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିବାସହିତ ଶମୀବୃକ୍ଷ ସାହିତ୍ୟ ସଂସଦର ଉପସଭାପତି ସ୍ୱର୍ଗତ ଇନ୍ଦ୍ରମଣୀ ବିଦ୍ଧାଣୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

ରାଜ୍ୟପାଳଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୨୪/୧୦ (ନି.ପ୍ର):ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଶନିବାର ଦିନ ଲୋକଭବନରେ ରାଜ୍ୟପାଳ ଶ୍ରୀ ବ୍ରଜମୋହନ ରାମ ଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ କାର୍ଯ୍ୟ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଜନସ୍ୱାର୍ଥ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଥାଇ ମଧ ଏଠାରେ ୮୦ ବର୍ଷ ପରେ ମଧ ବ୍ଲକଟିଏ ହୋଇପାରିଲା ନାହିଁ

ବୈଶିଙ୍ଗା , ୨୪/୧୦ (ନି.ପ୍ର): ଭାରତ ସ୍ୱାଧୀନ ହେବା ପର ଠାରୁ ୨୦୦୯ ମସିହା ପର୍ଯ୍ୟନ୍ତ ବୈଶିଙ୍ଗା (ସଂ) ବିଧାନକ୍ଷେତ୍ର ଭାବେ ମାନ୍ୟତା ପାଇଥିଲା। ୨୦୦୫ ରୁ ୨୦୦୯ ପର୍ଯ୍ୟନ୍ତ ଏହି (ସଂ) ବିଧାନକ୍ଷେତ୍ର ର ଶେଷ ବିଧାୟିକା ଭାବେ ଶ୍ରୀମତୀ ପ୍ରମିଳା ଗିରି ତାଙ୍କର ୫ବର୍ଷ କାର୍ଯ୍ୟକାଳ ପୂରଣ କରିଥିଲେ।ଏହା ପୂର୍ବରୁ ଶ୍ରୀ କାନ୍ଦ୍ରା ସୋରେନ୍ ବିଧାୟକ ଥିଲେ।ତାଙ୍କର ନିର୍ବାଚନ ପ୍ରତିଶୃତି ଥିଲା ବୈଶିଙ୍ଗା କୁ ବ୍ଲକ କରାଇବେ, ମାତ୍ର ପୁରଣ କରି ପାରିଲେ ନାହିଁ। ଏହା ପରେ ୨୦୦୯ରେ ମନୋରଞ୍ଜନ ସେଠୀ, ୨୦୧୪ରେ ଗଣେଶ୍ୱର ପାତ୍ର ଏବଂ ୨୦୧୯ରେ ବର୍ତ୍ତମାନର ବିଧାୟକ ସନାତନ ବିଜୁଳି ଦାୟିତ୍ୱ ବହନ କରିଛନ୍ତି। ୧୭ଗୋଟି ପଞ୍ଚାୟତର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେହି ବି ବୈଶିଙ୍ଗା କୁ ବ୍ଲକର ମାନ୍ୟତା ମିଳୁ ବୋଲି ନିଜ ତରଫରୁ ଦାବୀ ଉଠାଇବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି କରି ପାରି ନାହାନ୍ତି ।ସବୁଠୁଁ ରୋଚକ କଥା ହେଉଛି ସ୍ୱାଧୀନତା ପରେ ବ୍ଲକ ଗଠନ ପ୍ରକ୍ରିୟାରେ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରେ ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ମାତ୍ର ତତ୍କାଳୀନ ଜମିଦାରଙ୍କ ପାଇଁ ସମ୍ଭବ ହୋଇପାରିନଥିଲା। ଫଳରେ ସେତେବେଳେ ବୈଶିଙ୍ଗା, ଖୁଣ୍ଟା ଓ କୁଳିଅଣା ନିର୍ବାଚନ ମଣ୍ଡଳୀର ସଙ୍ଗମ ସ୍ଥାନ ବେତନଟି ଠାରେ ଏହି ବ୍ଲକ କାର୍ଯ୍ୟାଳୟ ସ୍ଥାପନ କରାଗଲା। ପରବର୍ତ୍ତୀ ସମୟରେ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାର ସମୟରେ ବହୁ ବୁଦ୍ଧିଜୀବି,ଛାତ୍ରନେତା ତଥା ରାଜନୈତିକ ନେତୃବୃନ୍ଦ ଏକ ବ୍ଲକ କ୍ରିୟାନୁଷ୍ଠାନ କମିଟି ଗଠନ କରି ସରକାରଙ୍କୁ ଦାବିପତ୍ର ଦେବା ସହିତ ବହୁ ଦିନ ଧରି ଆନ୍ଦୋଳନ ଚଳାଇ ଆସିଥିଲେ ମଧ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। ବୈଶିଙ୍ଗା କୁ କେନ୍ଦ୍ରବିନ୍ଦୁ କରି ୧୭ଟି ପଞ୍ଚାୟତକୁ ନେଇ ୩୬ ଓ ୩୭ ନମ୍ବର ଜିଲ୍ଲାପରିଷଦ ଗଠିତ ହୋଇଥିବା ବେଳେ ବେତନଟୀ ଅଧିନରେ ୩୫ନଂ ଜିଲ୍ଲା ପରିଷଦରେ ବେତନଟୀ, ସଠିଲୋ, ଦହିକୋଟୀ, ମୁକ୍ତାପୁର ଆଗ୍ରିଆ,ଏସ୍ ଏସ୍ ନହଣ୍ଡାଶୋଳ,ପୁରିନ୍ଦା ଆଦି ୭ଟି ପଞ୍ଚାୟତ ରହିଛି। ସେହିପରି ୩୬ନଂ ଜିଲ୍ଲା ପରିଷଦରେ ବୈଶିଙ୍ଗା,ସନ୍ତରା,ହାତୀଝୁରୀ,ଯୁଗଳ, କେନ୍ଦୁଆ, ପାଟଳିପୁରା, ନଡପୁର,ଗଡଦେଉଳିଆ ପଞ୍ଚାୟତ ଥିବା ବେଳେ ୩୭ନଂ ଅଧିନରେ କଳମା,ପୁରୁଣିଆ, ମହିଷାଶୋଳ, ଆମ୍ବଗଡ଼ିଆ, ରଘୁପୁର, ଅଁଳା, ଚାଞ୍ଚିପଦା,ମେରଦା ଓ ସଇତପୁର ପଞ୍ଚାୟତ ରହିଛି। ବିଶେଷ କରି ଏହି ୩୭ନଂ ଜୋନର ପଞ୍ଚାୟତ ବାସୀ ଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ୨୮/୩୦କି.ମି. ରାସ୍ତା ଯିବାକୁ ପଡୁଛି। ଯେକୌଣସି ସରକାରୀ ଯୋଜନା ଯଥା ଆବାସ,ଭତ୍ତା, ରାସନ, ଆଧାର କାର୍ଡ ପାଇଁ ଗରୀବ, ଅସହାୟ ତଥା ଦିନ ମଜୁରିଆଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବାପାଇଁ ହେଲେ ଅଧିକ ଅର୍ଥଶ୍ରାଦ୍ଧ ସହିତ ଗୋଟିଏ ଦିନ ପୁରା ବିତିଯାଉଛି। ସେମିତିରେ ବି ପୂର୍ବତନ ସରକାରଙ୍କ ଦକ୍ଷ କର୍ମଚାରୀଙ୍କ ପାଇଁ ୫/୬ ଥର ଦୌଡିବାକୁ ପଡୁଥିଲା । ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ପାଇଁ ପ୍ରଶସ୍ତ ଜମି ସହିତ ଆନୁସଙ୍ଗିକ ସୁବିଧା ରହିଛି।କେବଳ ସରକାରୀ ସ୍ୱୀକୃତି ମିଳିଲେ ଏହା ସମ୍ଭବ ହୋଇପାରିବ। ଏଥିସହିତ ବୈଶିଙ୍ଗା କୁ କେନ୍ଦ୍ର କରି ରହିଥିବା ୧୭ଟି ପଞ୍ଚାୟତ ସହିତ ବୈଶିଙ୍ଗା ଥାନା ଅଧୀନରେ ଥିବା ଆଉ ୫/୬ ଟି ପଞ୍ଚାୟତ ମଧ ଉପକୃତ ହୋଇପାରିବେ। ଏଥି ସହିତ ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ୍ ଏବଂ ନିଳଗିରି ନିର୍ବାଚନ ମଣ୍ଡଳୀର କେତେକ ପଞ୍ଚାୟତ ବୈଶିଙ୍ଗା ବ୍ଲକ ସହିତ ସାମିଲ ହୋଇପାରିବେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ' ଡବଲ ଇଞ୍ଜିନ ' ସରକାର ଏଥିପ୍ରତି ତୁରନ୍ତ ଧାନ ଦେବାକୁ ସାଧାରଣ ରେ ଦାବୀ ହେଉଛି। ଏଥିପାଇଁ ବ୍ଲକ୍ କ୍ରୀୟାନୁଷ୍ଠାନ କମିଟି ତରଫରୁ ଖୁବ୍ ଶୀଘ୍ର ଏକ ସର୍ବଦଳୀୟ ରାଜନୈତିକ ବୈଠକ ଡକାଯାଇ ଏହାର ସିଦ୍ଧାନ୍ତ ନିଆଯିବ କମିଟି ପକ୍ଷରୁ ପ୍ରକାଶ କରାଯାଇଛି । ବିଜେପି ଦଳରୁ ଦୁଇ ଦୁଇ ଥର ବ୍ରିାଯୁକ ହୋଇଥିବା ବିଧାୟକ ସନାତନ ବିଜୁଳି କିପରି ଏହାକୁ କାର୍ଯ୍ୟକାରୀ କରିବେ ବା ନ କରିବେ ତାହା ତାଙ୍କ ଇଚ୍ଛା ଉପରେ ନିର୍ଭର କରୁଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida